# ପାଣି ପଞ୍ଚାୟତ ସଫଳ କାହାଣୀ

"ଓଡ଼ିଶା ସମନ୍ୱିତ ଜଳସେଚିତ କୃଷି ଓ
ଜଳ ପରିଚାଳନା ପୁଞ୍ଜିଲଗାଣ କାର୍ଯ୍ୟକ୍ରମ"



ରୂପାୟନ:
ଆଇ.ଆର୍.ଡି.ଏମ୍.ଏସ୍
ଭୁବନେଶ୍ୱର, ଓଡ଼ିଶା

ସହାୟତା:
ଜଳ ସମ୍ପଦ ବିଭାଗ
ଓଡ଼ିଶା ସରକାର

# ମୁଖବନ୍ଧ

ଜଳ ସମ୍ପଦ ବିଭାଗ, ଓଡିଶା ସରକାରଙ୍କ ଦ୍ୱାରା ତାଳଦଣ୍ଡା ବୃହତ ଜଳ ସେଚନ ଉପ ପ୍ରକଳ୍ପରେ ୨୦୦୭-୦୮ ମସିହାରୁ କଟକ ଜିଲ୍ଲାର ବିରିବାଟୀ ଠାରୁ ଆରମ୍ଭ କରି ଜଗତସିଂହପୁର ଜିଲ୍ଲାର ପାରାଦ୍ୱୀପ ପର୍ଯ୍ୟନ୍ତ ମୋଟ ୭୩ ଗୋଟି ପାଣି ପଞ୍ଚାୟତ ଗଠନ କରାଯାଇ ଅଛି । ୨୦୦୭-୦୮ ମସିହାରୁ ଏହି ପାଣି ପଞ୍ଚାୟତ ଗୁଡିକ ଗଠନ ହୋଇଥିଲେ ସୁଦ୍ଧା, ଏ ଗୁଡିକର କାର୍ଯ୍ୟ କରିବା ଶୈଳୀ ଟିକେ ଭିନ୍ନ ଧରଣର ଥିଲା । ଓଡିଶା ସରକାର ଯେଉଁ ଲକ୍ଷ୍ୟ, ଉଦ୍ଦେଶ୍ୟ ନେଇ ପାଣି ପଞ୍ଚାୟତ ଗଠନ କରିଥିଲେ, ତାହା ପୂର୍ଣ୍ଣ ମାତ୍ରାରେ ସଫଳ ହୋଇପାରିଲା ନାହିଁ । ତେଣୁ ଜଳ ସେଚିତ କୃଷି ଏବଂ କୃଷକମାନଙ୍କ ଉନ୍ନତି କରିବା ଲକ୍ଷ୍ୟରେ ପାଣି ପଞ୍ଚାୟତ ସଂଗଠନର ଗୁରୁତ୍ୱ କୁ ଉପଲବ୍ଧି କରି ଜଳ ସମ୍ପଦ ବିଭାଗ ଓଡିଶା ସରକାର, ଏସିଆନ୍ ଉନ୍ନୟନ ବ୍ୟାଙ୍କ (A.D.B.) ର ସହାୟତାରେ ୨୦୧୧ ମସିହା ଡିସେମ୍ବର ମାସ ଠାରୁ ଆଇ.ଆର.ଡି.ଏମ୍.ଏସ. ସହିତ ସହଭାଗିତା କ୍ରମରେ ପ୍ରଥମେ ୨୬ ଗୋଟି ପାଣି ପଞ୍ଚାୟତ ପୁଣି ଡିସେମ୍ବର ୨୦୧୨ ମସିହାରୁ ଅବଶିଷ୍ଟ ୨୬ ଗୋଟି ପାଣି ପଞ୍ଚାୟତ ସଶକ୍ତିକରଣ ପ୍ରକ୍ରିୟା "ଓଡିଶା ସମନ୍ୱିତ ଜଳ ସେଚିତ କୃଷି ଓ ଜଳ ପରିଚାଳନା ପୁଞ୍ଜିଲଗାଣ କାର୍ଯ୍ୟକ୍ରମ" ମାଧ୍ୟମରେ ଚଳାଇ ଆସୁଛନ୍ତି ।

ଏହି କାର୍ଯ୍ୟକ୍ରମର ଗୁରୁତ୍ୱକୁ ଉପଲବ୍ଧି କରି ଆଇ.ଆର.ଡି.ଏମ୍.ଏସ୍. ତା'ର ଅଭିଜ୍ଞ ବିଶେଷଜ୍ଞ ଦଳ ଏବଂ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ତଥା ଜଳ ସମ୍ପଦ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସହାୟତା ଦ୍ୱାରା ପାଣି ପଞ୍ଚାୟତ ସଶକ୍ତି କରଣରେ ଅନେକ ଆଖି ଦୃଶିଆ କାର୍ଯ୍ୟର ସଫଳ ରୂପାୟନ କରିପାରିଛି । ପାଣି ପଞ୍ଚାୟତର ଅଣୁ ଯୋଜନା ପ୍ରସ୍ତୁତ ଠାରୁ ଆରମ୍ଭ କରି ପାଣି ପଞ୍ଚାୟତ ଭୂଧାରକ ତାଲିକା ପ୍ରସ୍ତୁତି, ପାଣି ପଞ୍ଚାୟତର ରୋକଡ ବହି (Cash Book) ତଥା ପାଣି ପଞ୍ଚାୟତର ଅଧିନିୟମ ଏବଂ ନିୟମାବଳୀ ଅନୁଯାୟୀ ପାଣି ପଞ୍ଚାୟତ ଗୁଡିକରେ ସମସ୍ତ ରେକର୍ଡ ପତ୍ର ପ୍ରସ୍ତୁତି ଓ ଏଗୁଡିକ ନିୟମିତ କରିବାରେ ସହାୟତା, ପାଣି ପଞ୍ଚାୟତର ନିର୍ବାହୀ କମିଟି ତଥା ସାଧାରଣ ପରିଷଦର ବୈଠକ ନିୟମିତ କରାଇବା, ପାଣି ପଞ୍ଚାୟତରେ ମହିଳା ପ୍ରତିନିଧିତ୍ୱ ପାଇଁ ଓଡିଶା ପାଣି ପଞ୍ଚାୟତ ସଂଶୋଧନ ଅଧିନିୟମ (୨୦୦୮) ମୁତାବକ ଆବଶ୍ୟକ ପଦକ୍ଷେପ ଗ୍ରହଣରେ ଜଳ ସମ୍ପଦ ବିଭାଗକୁ ସହାୟତା କରିବା, ପ୍ରତ୍ୟେକ ପାଣି ପଞ୍ଚାୟତ ଅନୁଯାୟୀ ଖରିଫ୍ ଓ ରବି ଯୋଜନା ପ୍ରସ୍ତୁତ କରି ସେଗୁଡିକର ସଫଳ ରୂପାୟାନ ପାଇଁ ଆବଶ୍ୟକ କାର୍ଯ୍ୟକ୍ରମ କରିବା, ଜଳ ସେଚନ ଏବଂ ଜଳର ସୁପରିଚାଳନା ପାଇଁ କେନାଲ ଓ କରନାଳ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ସଚେତନତା ସୃଷ୍ଟି କରିବା ଇତ୍ୟାଦି କାର୍ଯ୍ୟ ସଫଳ ଭାବେ ସମ୍ପାଦନ କରିପାରିଛି । ସର୍ବୋପରି ପାଣି ପଞ୍ଚାୟତ ଗୁଡିକରେ ସହଭାଗୀ ଜଳ ସେଚନ ପରିଚାଳନାରେ ରହିଥିବା ପାଞ୍ଚ ଗୋଟି ମୁଖ୍ୟ ବିଷୟ ଯଥା- ଜଳ ସମ୍ପଦର ସୁପରିଚାଳନା ଓ ସୁବିନିଯୋଗ, ଜଳ ସେଚନ ପ୍ରଣାଳୀର ଉତ୍ତମ ରକ୍ଷଣାବେକ୍ଷଣ, ସେଚାଞ୍ଚଳ କୃଷକ ମାନଙ୍କର ଜୀବନ ଜୀବିକାର ଗୁଣାତ୍ମକ ମାନବୃଦ୍ଧି, ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ ଦ୍ୱାରା କୃଷି ଉତ୍ପାଦନ ବୃଦ୍ଧି ତଥା ପରିବେଶ ସନ୍ତୁଳନ ଓ ସୁରକ୍ଷା ଇତ୍ୟାଦି ଗୁଡିକ ପାଣି ପଞ୍ଚାୟତର ପ୍ରସ୍ତାବିତ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଫଳ ଭାବେ ରୂପାୟନ କରାଯାଇ ପାରିଛି ।

ଉପରୋକ୍ତ କାର୍ଯ୍ୟକ୍ରମ ଗୁଡିକର ସଫଳ ରୂପାୟନ ପାଇଁ ଆଇ.ଆର.ଡି.ଏମ୍.ଏସ୍. କୁ ଜଳସମ୍ପଦ ବିଭାଗର ସାହାଯ୍ୟ ସହଯୋଗ ନିରବଚ୍ଛିନ୍ନ ଭାବେ ମିଳି ଆସିଛି । ତେଣୁ ଏହି ପରିପ୍ରେକ୍ଷୀରେ ମୁଁ ଓଡିଶା ସରକାରଙ୍କ ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ, ସ୍ୱତନ୍ତ୍ର ସଚିବ, ମୁଖ୍ୟ ଯନ୍ତ୍ରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ-ପ୍ରକଳ୍ପ ପରିଚାଳନା ଏକକ, ଅତିରିକ୍ତ

ନିର୍ଦ୍ଦେଶକ- ପାଣି ପଞ୍ଚାୟତ ସହାୟତା ଏକକ, ଅତିରିକ୍ତ ନିର୍ଦ୍ଦେଶକ କେନାଲ ରକ୍ଷଣା ବେକ୍ଷଣ ଓ ପରିଚାଳନା (O&M), ଯୁଗ୍ମ ନିର୍ଦ୍ଦେଶକ ସେଚାଞ୍ଚଳ ଉନ୍ନୟନ, ଅଧୀକ୍ଷଣ ଯନ୍ତ୍ରୀ ପୂର୍ବାଞ୍ଚଳ ଜଳ ସେଚନ ମଣ୍ଡଳ, ନିର୍ବାହୀ ଯନ୍ତ୍ରୀ-ମହାନଦୀ ଦକ୍ଷିଣ ବିଭାଜନ, ସହକାରୀ ନିର୍ବାହୀ ଯନ୍ତ୍ରୀ କିଶନନଗର, ମଣିଜଙ୍ଗା, ପାରାଦ୍ୱୀପ ଜଳ ସେଚନ ଉପ ବିଭାଜନ ତଥା ସମସ୍ତ ସହକାରୀ ଯନ୍ତ୍ରୀ ଏବଂ ଅନ୍ୟାନ୍ୟ କ୍ଷେତ୍ର କର୍ମଚାରୀଙ୍କୁ ସହୃଦୟେ ଧନ୍ୟବାଦ ଅପର୍ଣ କରିବା ସହିତ ତାଙ୍କର ଏହି ସାହାଯ୍ୟ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରୁଅଛି ।

ଏହା ସହିତ ଏହି ୫୨ ଗୋଟି ପାଣି ପଞ୍ଚାୟତରେ କାର୍ଯ୍ୟ କରୁଥିବା ମୋର ବିଶେଷଜ୍ଞ ଦଳ, ଗୋଷ୍ଠି ସଙ୍ଗଠକ ବୃନ୍ଦ ଏବଂ ସର୍ବୋପରି ସମସ୍ତ ପାଣି ପଞ୍ଚାୟତର ପଦାଧିକାରୀ, କର୍ମକର୍ତ୍ତା ତଥା ଚାଷି ଭାଇ ମାନଙ୍କୁ ପ୍ରକଳ୍ପ କାର୍ଯ୍ୟକ୍ରମ ଗୁଡିକର ସଫଳ ରୁପାୟନ ପାଇଁ ଧନ୍ୟବାଦ ଅର୍ପଣ କରୁଅଛି ।

ସମସ୍ତଙ୍କ ସାହାଯ୍ୟ ସହଯୋଗରେ ସଫଳତାର ସହ ସମ୍ପନ୍ନ ହୋଇଥିବା କାର୍ଯ୍ୟ ଗୁଡିକର କିଛି ହିତାଧିକାରୀ ମାନଙ୍କୁ ନେଇ “ପାଣି ପଞ୍ଚାୟତର ସଫଳ କାହାଣୀ” ପୁସ୍ତିକାଟି ପ୍ରସ୍ତୁତ କରାଯାଇ ଅଛି । ଏହି ପୁସ୍ତିକାଟି କିଛି ସଫଳ ଚାଷି, ପାଣି ପଞ୍ଚାୟତର ପଦାଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠିର ସଫଳତା ଉପରେ ଆଲୋକ ପାତ କରୁଅଛି । ଶେଷରେ ପୁଣି ଥରେ ସମସ୍ତଙ୍କର ସାହାଯ୍ୟ ସହଯୋଗ କାମନା କରି, ଆଶା କରୁଛି ଏହି ପୁସ୍ତିକାଟି ପାଣି ପଞ୍ଚାୟତର ସଶକ୍ତି କରଣ ଉପରେ ବିଭାଗୀୟ କର୍ତ୍ତୁପକ୍ଷଙ୍କ ଧ୍ୟାନ ଆକର୍ଷଣ କରିବ ।

**ସମ୍ପାଦକ**
ଆଇ.ଆର.ଡି.ଏମ୍.ଏସ.



# ବିଷୟ ସୂଚୀ


ମୁଖବନ୍ଧ ....................................................... ୧

୧. ବଡବୁଦା ପାଣି ପଞ୍ଚାୟତର ଜଣେ ସଫଳ ଚାଷୀର କାହାଣୀ....................................................... ୫

୨. ବାଲିଆ ପାଣି ପଞ୍ଚାୟତର ଧାନ ଚାଷରେ ଜଣେ ଚାଷୀଙ୍କ ସଫଳ କାହାଣୀ....................................................... ୭

୩. ଧାଡିରୁଆ କରି ଥିବା ଜଣେ ସଫଳ ଚାଷିଙ୍କର କାହାଣୀ....................................................... ୮

୪. ଦିଗିତାରୀ ପାଣି ପଞ୍ଚାୟତର ଜଣେ ଚାଷୀଙ୍କର ସଫଳ କାହାଣୀ ....................................................... ୧୦

୫. ଗରେଇ ପାଣି ପଞ୍ଚାୟତ ଜଣେ ଚାଷୀଙ୍କର ସଫଳ କାହାଣୀ ....................................................... ୧୧

୬. ଧାଡିରୁଆ କରିଥିବା ଜଣେ ସଫଳ ଚାଷିଙ୍କର କାହାଣୀ....................................................... ୧୨

୭. ମହାବୀର ପାଣି ପଞ୍ଚାୟତର ସଫଳ କାହାଣୀ: ପାଣି ପଞ୍ଚାୟତ ଦ୍ୱାରା ସଫଳ ସହଭାଗୀ ଜଳ ସେଚନ ପରିଚାଳନା.......... ୧୩

୮. ନାଲିଆପାଳ ପାଣି ପଞ୍ଚାୟତରେ ଜଣେ ଚାଷିଙ୍କର ସଫଳ କାହାଣୀ....................................................... ୧୫

୯. ନୀଳମାଧବ ପାଣି ପଞ୍ଚାୟତର ଜଣେ ସଫଳ ଚାଷୀଙ୍କର କାହାଣୀ ....................................................... ୧୭

୧୦. ପଙ୍କପାଳ ପାଣି ପଞ୍ଚାୟତ ତାଳଦଣ୍ଡା ଗ୍ରାମର ଜଣେ ଚାଷୀଙ୍କର ସଫଳ କାହାଣୀ....................................................... ୧୯

୧୧. ସାନିଲୋ ପାଣି ପଞ୍ଚାୟତର ଜଣେ ଚାଷୀଙ୍କର ସଫଳ କାହାଣୀ....................................................... ୨୦

୧୨. ସୋମପୁର ପାଣି ପଞ୍ଚାୟତର ସଫଳ ସମ୍ପାଦକ ଅଜୟ ଭୂୟାଁ ....................................................... ୨୨

୧୩. ଚାଷରୁ ପାଣି ପଞ୍ଚାୟତ ସମ୍ପାଦକ - ଚାଷୀ ବିଭୁତି ଭୂଷଣଙ୍କ ସଫଳ ଯାତ୍ରା....................................................... ୨୩

୧୪. ମା’ ତାରିଣୀ ପରମହଂସ ପାଣି ପଞ୍ଚାୟତ (ପି.ପି-୦୧)ର ସଫଳ ବିନ୍ଧାଣି ....................................................... ୨୪

୧୫. ଚାଷୀ ଦିଗମ୍ବର ମହାନ୍ତିଙ୍କ ଚାଷ କଥା ....................................................... ୨୬

୧୬. ଚାଷୀ ଜୟରାମଙ୍କ ସଫଳ କାହାଣୀ ....................................................... ୨୮

୧୭. ଚାଷୀ ପରେନ୍ଦ୍ର ବିଶ୍ୱାଳଙ୍କ ଚାଷ ସମ୍ପର୍କିତ କାହାଣୀ ....................................................... ୩୦

୧୮. ଭିନ୍ନକ୍ଷମରୁ ସି.ଆ.ଜି.ର ସମ୍ପାଦକ - ରଶ୍ମିରଞ୍ଜନ ସାହୁ....................................................... ୩୨

୧୯. ଜାନକେଶ୍ୱରୀ ପାଣି ପଞ୍ଚାୟତର ସଭାପତିଙ୍କ ଚାଷ କାହାଣୀ ....................................................... ୩୪

୨୦. ବେଲେଶ୍ୱରୀ ବିଶ୍ୱ ସ୍ୱୟଂ ସହାୟକ ଦଳର ସଫଳ ଛତୁଚାଷ କାହାଣୀ ....................................................... ୩୬



# ବଡବୁଢା ପାଣି ପଞ୍ଚାୟତର ଜଣେ ସଫଳ ଚାଷୀଙ୍କ କାହାଣୀ



ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଏରସମା ବ୍ଲକର ବଡଗବପୁର ଗୋଟିଏ ଛୋଟିଆ ଗ୍ରାମ, ଏହି ଗ୍ରାମ ବଡବୁଢା ପାଣିପଞ୍ଚାୟତ ନଂ- ୪୨ ଅର୍ନ୍ତଭୁକ୍ତ । ମୁଁ ଶ୍ରୀଯୁକ୍ତ ଦୁଃଖିଶ୍ୟାମ ସାହୁ, ଗ୍ରାମ-ବଡଗବପୁର ବିଗତ ୧୦ ବର୍ଷରୁ ଅଧିକ ହେବ ପୁରୁଣା ଢ଼ଙ୍ଗରେ ଚାଷ କରି ଆସୁଥିଲି ଏବଂ ଏହି ପଦ୍ଧତିରେ ମୋର ୪ ଏକର ଜମିରୁ ପ୍ରତ୍ୟେକ ବର୍ଷ ହାରାହାରି ୬୦ ରୁ ୬୫ କୁଇଣ୍ଟାଲ ଧାନଅମ ଳ କରେ । ସେଥିରେ ମୋର ୫  ପ୍ରାଣୀ କୁଟୁମ୍ବ କଷ୍ଟେ ମଷ୍ଟେ ଚଳିଯାଉ । ଓଡିଶା ସରକାରଙ୍କର ସମନ୍ୱିତ ଜଳ ସେଚିତ କୃଷି ଓ ଜଳ ପରିଚାଳନା ପୁଞ୍ଜିଲଗାଣ କାର୍ଯ୍ୟକ୍ରମ ଦ୍ୱାରା IRDMS ସଂସ୍ଥା ଆମ ପାଣି ପଞ୍ଚାୟତରେ ଉନ୍ନତି ମୁଳକ କାର୍ଯ୍ୟକ୍ରମ ଆରମ୍ଭ କଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଥମେ ସଂସ୍ଥାର କର୍ମକର୍ତ୍ତାମାନେ ଗ୍ରାମ ଗ୍ରାମ ବୁଲି ଚାଷିମାନଙ୍କୁ ଏକତ୍ରିତ କରାଇଲେ । ସେମାନେ ସେଥିରେ ଧାଡି ରୁଆ ବିଷୟରେ ଆଲେଚନା କରିଥିଲେ । ଚାଷୀ କିପରି ମାଟି ପରୀକ୍ଷା ଓ ବିହନ ବିଶୋଧନ କରି ନିଜର ଲାଭ ଉଠାଇ ପାରିବ, ନିଜର ଆର୍ଥିକ ଉନ୍ନତି କରିପାରିବ, ସେ ବିଷୟରେ ଆଲୋଚନା କରିଥିଲେ । ମୁଁ ସେ ବୈଠକରେ ଯୋଗଦେଇଥିଲି ଏବଂ ସେମାନଙ୍କର କଥାଶୁଣି ମୋ ମନରେ ନୂତନ ଆଶା ସଞ୍ଚାର ହୋଇଥିଲା । ତାହାକୁ କାମରେ ଲଗାଇବା ପାଇଁ ମନସ୍ତ କଲି । ଏହି ବିଷୟରେ ପୁଙ୍ଖାନୁପୁଙ୍ଖ ଜାଣିବା ପାଇଁ IRDMS ସଂସ୍ଥାର କର୍ମକର୍ତ୍ତାଙ୍କୁ ଧାଡିରୁଆ ବିଷୟରେ ପଚାରି ବୁଝିଲି ।



ମୁଁ ତାଙ୍କୁ ମାଟି ପରୀକ୍ଷା ଓ ବିହନ ପରୀକ୍ଷା କରିବା ପାଇଁ ଦେଇଥିଲି । ମାଟି ଓ ବିହନର ପରୀକ୍ଷା ଫଳାଫଳ ଆସିବା ପରେ ମୋ ଜମିରେ ଥିବା ଖାଦ୍ୟସାରର ଅଭାବ ସମ୍ପର୍କରେ ମୁଁ ଜାଣିପାରିଲି ଏବଂ ସେଥି ପାଇଁ IRDMS ସଂସ୍ଥାର କର୍ମକର୍ତ୍ତାଙ୍କର ପରାମର୍ଶ ନେଇ ତଳି ପକାଇଥିଲି । ତଳିକୁ ରୋଗ ପୋକ କବଳରୁ ରକ୍ଷା କରିବା ପାଇଁ IRDMS ଦେଇଥିବା CARTAP HYDROCLORIDE ମାଧ୍ୟମରେ ବିଶୋଧନ କରିଥିଲି । ତଳି ହେବାର ୧୫ଦିନ ମଧ୍ୟରେ ଜମିକୁ ଚାଷ କରିବାବେଳେ IRDMS ସଂସ୍ଥା ଦେଇଥିବା Zinc Sulphate କାଦୁଅରେ ବ୍ୟବହାର କରିଥିଲି । ତାହା ପରେ ତଳିକୁ ଧାଡିରେ ରୋଇଥିଲି । ଇତି ମଧ୍ୟରେ IRDMS ର ର୍କମର୍କତ୍ତା ମଝିରେ ମଝିରେ ଆସି ଦେଖି ଯାଉଥିଲେ । ଆଗରୁ ଅଣୁସାର ଓ ଜୈବସାର ବ୍ୟବହାର ସମ୍ପର୍କରେ ଆଦୌ ଜାଣିନଥିଲି । IRDMS ସଂସ୍ଥା ଦେଇଥିବା ଜୀବାଣୁ ସାରକୁ ବ୍ୟବହାର କରିବା ଦ୍ୱାରା ମାଟିର ଉର୍ବରତା ଶକ୍ତି ବଜାୟ ରହିବା ସହିତ ଭଲ ଅମଳ ମଧ ହୋଇ ଅଛି । ଆମ୍ଭେମାନେ କିନ୍ତୁ ଏ ବର୍ଷ ଚାଷକାର୍ଯ୍ୟ ପୂର୍ବରୁ IRDMS କର୍ମକର୍ତ୍ତା ମାନଙ୍କର ସହାୟତାରେ ଆମ ପାଣିପଞ୍ଚାୟତରେ ଏକ ଖରିଫ ଯୋଜନା ପ୍ରସ୍ତୁତ କରିଥିଲୁ ଓ ଏହି ଯୋଜନା ପାଇଁ ପ୍ରତ୍ୟେକ ସଭାରେ ମୁଁ ଯୋଗେଦଇ କାର୍ଯ୍ୟକ୍ରମ ଗୁଡିକୁ ବୁଝୁଥିଲି । ଆମ ପାଣି ପଞ୍ଚାୟତରୁ  ୧୦ ଜଣ ଚାଷିଙ୍କର ମାଟି ପରୀକ୍ଷା କରିବା ପାଇଁ ସ୍ଥିର କରାଗଲା ଏବଂ ମୋ ଜମିରୁ ମୁଁ ଏକ ମାଟି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଦେଇଥିଲି । ମାଟି ପରୀକ୍ଷା ପରେ ମାଟିରେ ଥିବା ଅସୁବିଧା ଏବଂ ଆବଶ୍ୟକ ହେଉଥିବା ସାର ସମ୍ପର୍କରେ ମତେ IRDMS ର କର୍ମକର୍ତ୍ତା ମାନେ ଜଣାଇଥିଲେ ।  ମୁଁ ମୋ ଜମିରେ ମାଟିପରୀକ୍ଷା ଫଳାଫଳ ରିପୋର୍ଟ ଅନୁଯାୟୀ ଅନୁମୋଦିତ ସାର ପ୍ରଯୋଗ କରିବା ପାଇଁ ପ୍ରସ୍ତୁତ ହେଲି । ଏହା ପରେ ମୋ ଜମି ପାଇଁ ବିହନ ସଂଗ୍ରହ କରି ସେଗୁଡିକୁ IRDMS କର୍ମକର୍ତ୍ତାଙ୍କ ପରାମର୍ଶ ଅନୁଯାୟୀ ୧ କେଜି ଧାନରେ ୨ ଗ୍ରାମ କାର୍ବାନଣ୍ଡିଜିମ୍ ଗୋଳାଇ ବିଶୋଧନ କଲି । July ମାସ ପ୍ରଥମ ସପ୍ତାହରେ ମୋର ୪ ଏକର ଜମିପାଇଁ ଏକର ପିଛା ୨୦ କେଜି ହିସାବରେ ୮୦ କେଜି ଧାନ ଗଜାକରି ତଳି ପ୍ରସ୍ତୁତ କଲି ଏବଂ ତାହାକୁ ମୋର ଜମିରେ ଧାଡିରୁଆ ପ୍ରଣାଳୀରେ ରୋଇଲି । ଧାନକୁ ରୋଇବା ପୂର୍ବରୁ ଜମିକୁ ଭଲଭାବରେ ଚାଷକରି ଶେଷ ଓଡ ଚାଷରେ ମୂଳସାର ହିସାବରେ ଏକର ପ୍ରତି D.A.P. ୩୫ କି.ଗ୍ରା. ଓ ପଟାସ୍ ୨୫ କି.ଗ୍ରା. ଓ ୟୁରିଆ ୭ କି.ଗ୍ରା ଜମିରେ ପ୍ରଯୋଗ କଲି ।

ଏହାର ୧୫ ଦିନପରେ ପିଲସାର ହିସାବରେ ୟୁରିଆ ଏକର ପ୍ରତି ୩୦ କି.ଗ୍ରା. ପ୍ରଯୋଗ କଲି । ତାପରେ ଥୋଡ ସାର ଥୋଡ ଆସିବାର ୮ ଦିନ ପୂର୍ବରୁ ପ୍ରଯୋଗ କଲି । ଏହାକୁ ଏକର ପ୍ରତି ୟୁରିଆ ୧୫ କି.ଗ୍ରା. ଓ ପଟାସ୍ ସାର ୧୦ କି.ଗ୍ରା. ହିସାବରେ ପ୍ରଯୋଗ କଲି । ଧାନ ଥୋଡ ହେବା ପୂର୍ବରୁ ମୁଁ ଦେଖିଲି ଯେ ଜମିରେ ପୋକ ଲାଗିଅଛି, ସେଥିପାଇଁ ୧ ଲିଟର ପାଣିରେ ୨ ମିଲି ମାତ୍ରାରେ ଏକରକୁ ୪୦୦ମିଲି ହିସାବରେ କ୍ଲୋରୋପାଇରିଫସ୍  ସ୍ପ୍ରେ କଲି । IRDMS ସଂସ୍ଥା ତରଫରୁ ଆମ ପଣିପଞ୍ଚାୟତକୁ ଧାଡିରୁଆ ଚାଷରେ ଉନ୍ନତି ଆଣିବା ଲକ୍ଷ୍ୟରେ ପରୀକ୍ଷାମୂଳକ ଭାବେ ୧୦୦ ଏକର ଜମି ପାଇଁ

ଜୈବସାର, ଅଣୁସାର ଓ କୀଟନାଶକ ଔଷଧ ବଣ୍ଟନ କରାଯାଇଥିଲା । ଏହା ମଧ୍ୟରେ ମୋର ୪ ଏକର ଜମି ମଧ୍ୟରୁ ୧ ଏକର ଜମିରେ ପରୀକ୍ଷାମୂଳକ ଭାବେ ଋଷକରିବା ପାଇଁ PSB- 2 kg, Zinc Sulphate- 4 kg & Azospirilium- 2 kg IRDMS ସଂସ୍ଥା ତରଫରୁ ପ୍ରଦାନ କରାଯାଇଥିଲା । ଉକ୍ତ ସାରକୁ ଗ୍ରହଣ କରି ମୁଁ ସଠିକ ପରିମାଣରେ ମୋ ଜମିରେ IRDMS କର୍ମକର୍ତ୍ତାଙ୍କ ପରାମର୍ଶରେ ପ୍ରୟୋଗ ଫଳରେ ପୂର୍ବ ବର୍ଷ ତୁଳନାରେ ମୋର ସେହି ୧ ଏକର ଜମିରେ ଏବର୍ଷ ୯ କୁଇଣ୍ଟାଲ ଧାନ ଅଧିକ ଅମଳ ହେଲା । ପୂର୍ବ ବର୍ଷ ମାନଙ୍କରେ ମୁଁ ମୋ ଜମିରୁ ଏକର ପ୍ରତି ୧୬ କୁଇଣ୍ଟାଲ ଧାନ ପାଉଥିବା ସ୍ଥଳେ ଏ ବର୍ଷ IRDMS କର୍ମକର୍ତ୍ତାଙ୍କ ପରାମର୍ଶରେ ଋଷ କରିଥିବା ସେହି ୧ ଏକର ଜମିରୁ ୨୫ କୁଇଣ୍ଟାଲ ଧାନ ପାଇଅଛି ।



ଏହା ସହିତ ଋଷିମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ IRDMS ଦ୍ୱାରା ଆମ ପାଣି ପଞ୍ଚାୟତରୁ ୪ ଜଣ ଋଷି କ୍ଷେତ୍ର ପରିଭ୍ରମଣ କାର୍ଯ୍ୟକ୍ରମରେ CRRI Bidyadharpur Cuttack, SSTL Samantarapur, Bhubaneswar & OUAT Siripur Bhubaneswar କୁ ଦେଖିବା ପାଇଁ ଯାଇଥିଲୁ । ଏହି ଅବସରରେ ବିଦ୍ୟାଧରପୁର ଧାନ ଗବେଷଣା କେନ୍ଦ୍ର ପରିଦର୍ଶନ କରି ସେଠାରେ ଧାନ ଋଷ ସମ୍ପର୍କରେ ଅଭିଜ୍ଞ କୃଷି ବୈଜ୍ଞାନିକ ମାନଙ୍କଠାରୁ ଜ୍ଞାନ ଆହାରଣ କଲି । ଭୁବନେଶ୍ୱର ବିହନ ପରୀକ୍ଷଣ କେନ୍ଦ୍ର ପରିଦର୍ଶନ କରି ମୁଁ ବିହନ ବିଶୋଧନ ପଦ୍ଧତି ସମ୍ପର୍କରେ ଜାଣିବା ସହିତ ବିହନରେ ଥିବା ବିଭିନ୍ନ ପ୍ରକାର ରୋଗ ପୋକ ତଥା ସେଗୁଡ଼ିକର ପ୍ରତିକାର ସମ୍ପକରେ ଜାଣିବା ପାଇଁ ସକ୍ଷମ ହେଲି । ଏହାପରେ କୃଷି ବିଶ୍ୱ ବିଦ୍ୟାଳୟ ଭୁବନେଶ୍ୱର ଠାରେ ଅବସ୍ଥିତ ସମନ୍ୱିତ କୃଷିକ୍ଷେତ୍ର ପ୍ରଦର୍ଶନ କରି, ଏକ ସ୍ଥାନରେ କିପରି ବିଭିନ୍ନ ପ୍ରକାର କୃଷି ଭିତ୍ତିକ କାର୍ଯ୍ୟ ଯଥା ଧାନ ଋଷ, ଫଳ ଋଷ, ମାଛ ଋଷ, କୁକୁଡ଼ା ଋଷ, ବତକ ଋଷ, ଛତୁ ଋଷ ଏବଂ ଗୋ ପାଳନ କରାଯାଏ ସେ ବିଷୟରେ ଜାଣିପାରିଥିଲି ।

IRDMS ସଂସ୍ଥାର ବହୁମୁଖୀ କାର୍ଯ୍ୟକ୍ରମ ଦ୍ୱାରା ଆମ୍ଭ ପାଣି ପଞ୍ଚାୟତର କୃଷିକାର୍ଯ୍ୟରେ ଉନ୍ନତି ହେବା ସହିତ ମୁଁ କୃଷି କାର୍ଯ୍ୟ ସମ୍ପକରେ ବିବିଧ ଜ୍ଞାନ ଆହାରଣ କରିପାରିଛି । ଯାହା ଦ୍ୱାରା କି ଉନ୍ନତ ପ୍ରଣାଳୀରେ ଋଷକାର୍ଯ୍ୟ କରି ମୋ ପରିବାରର ପ୍ରତିପୋଷଣ କରିବା ସହିତ ସ୍ୱଚ୍ଛଳ ଭାବେ ଜୀବିକା ନିର୍ବାହ କରିପାରିବି । ମୁଁ ସେଥିପାଇଁ IRDMS ସଂସ୍ଥାକୁ ସହୃଦୟେ ଧନ୍ୟବାଦ ଦେଉଅଛି ।

ଦୁଃଖଶ୍ୟାମ ସାହୁ

**ଦୁଃଖଶ୍ୟାମ ସାହୁ**

ଗ୍ରାମ- ବଡବଗପୁର



# ବାଲିଆ ପାଣି ପଞ୍ଚାୟତର ଧାନ ଚାଷରେ ଜଣେ ଚାଷୀଙ୍କ ସଫଳ କାହାଣୀ



ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକ ଅନ୍ତର୍ଗତ ଚରଡିହା ଗ୍ରାମର ଜଣେ ଚାଷି ହେଉଛନ୍ତି ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ପଣ୍ଡା । ତାଙ୍କ ନିଜର ୪ ଏକର ଜମି ଏବଂ ଅନ୍ୟଠାରୁ ୨ ଏକର ଜମି ଭାଗକୁ ଆଣି ସେ ମୋଟ ୬ ଏକର ଜମି ଚାଷ କରି ନିଜର କୁଟୁମ୍ବ ପ୍ରତିପୋଷଣ କରନ୍ତି । ତାଙ୍କ ଠାରୁ ତାଙ୍କ ମତାମତ ପଚାରି ବୁଝିଲୁ ଯେ, ସେ ଏବର୍ଷ ଚାଷକାର୍ଯ୍ୟକରି ଲାଭବାନ ହୋଇ ପାରିଛନ୍ତି । କ'ଣ ପଦ୍ଧତୀ ଅନୁସରଣ କରି ଥିବାରୁ ଏବର୍ଷ ଅଧିକ ଧାନ ଅମଳ ପାଇପାରିଛନ୍ତି । ସେ ତାଙ୍କ ମତାମତ ରଖି କହିଥିଲେ ।



ମୋର ନାମ ସଚ୍ଚିଦାନନ୍ଦ ପଣ୍ଡା, ମୁଁ ନିଜର ୪ ଏକର ଏବଂ ଭାଗକୁ ୨ ଏକର ଆଣି ଚାଷ କରି ସେଥିରୁ ଯାହା ପାଏ, ସେଥିରେ ମୋର କୁଟୁମ୍ବ ପ୍ରତିପୋଷଣ କରେ । ମୁଁ ମୋର ବାପାଙ୍କ ପରାମର୍ଶରେ ପାରମ୍ପାରିକ ପଦ୍ଧତୀରେ ଧାନ ବୁଣି ତାକୁ ବେଉଷଣକରି କିଛି ସାର ପକାଇ ଦେଉଥିଲି । ସେମିତି ଯାହା ଧାନ ହେଉଥିଲା, ସେଥିରେ ମୋର ପରିବାର ଦୁଃଖେ କଷ୍ଟେ ଚଳିଯାଉଥିଲା । ମୋ ପରିବାର ପାଇଁ କେବଳ ଖାଇବାକୁ ହୋଇଯାଉଥିଲା, କିନ୍ତୁ ଅନ୍ୟାନ୍ୟ ଖର୍ଚ୍ଚ ଯୋଗାଡ କରିବା ମୋ ପକ୍ଷେ କଷ୍ଟକର ହେଉଥିଲା । IRDMS ସଂସ୍ଥା ଆମ୍ଭ ପାଣିପଞ୍ଚାୟତ ଅଞ୍ଚଳରେ କୃଷି ଭିତ୍ତିକ କାର୍ଯ୍ୟ ଆରମ୍ଭ କରିବା ପରେ, ସେମାନେ ପ୍ରତ୍ୟେକ ଗ୍ରାମରେ ଚାଷି ସଭାମାନ କରାଇ କୃଷିକାର୍ଯ୍ୟର ଉନ୍ନତି ବିଷୟରେ ଲୋକମାନଙ୍କୁ ବୁଝାଇଲେ । ସେହି ଅବସରରେ ସେମାନେ ମାଟି ପରୀକ୍ଷା, ବିହନ ପରୀକ୍ଷା ଏବଂ ଜମିରେ ସାର ପ୍ରୟୋଗ ବିଷୟରେ ବୁଝାଇଲେ । ମୁଁ ସେମାନଙ୍କ ଠାରୁ ମାଟି ପରୀକ୍ଷା ଓ ବିହନ ପରୀକ୍ଷାର ଉପକାରିତା ବୁଝିପାରିବା ସହିତ ଧାନ ବିହନକୁ କିପରି ବିଶୋଧନ କରାଯାଏ, ତଳି କିପରି ପ୍ରସ୍ତୁତ କରାଯାଏ, ଧାଡିରେ କିପରି ରୁଆଯାଏ, ସାର ଔଷଧ କେଉଁ ସମୟରେ ପ୍ରୟୋଗ କରାଯାଏ, ତାହା ଶିଖିପାରିଲି । ଏହା ପରେ ମୁଁ ମୋ ଜମିର ମାଟି ପରୀକ୍ଷା କରି ମାଟି ପରୀକ୍ଷା ରିପୋର୍ଟ ଦ୍ୱାରା ଏହାର ଅମ୍ଳତା ଜାଣି ପାରିଲି । କେତେ ପରିମାଣରେ ସାର ଔଷଧ ପଡିବ ଜଣାପଡିଲା । IRDMS ତରଫରୁ ବିହନ ବିଶୋଧନ ପାଇଁ ମିଳିଥିବା ଔଷଧ ଦ୍ୱାରା ବିହନ ବିଶୋଧନ କରିବାରୁ ନିରୋଗି ଧାନ ସୃଷ୍ଟି ହୋଇପାରିଲା । ଧାଡିରେ ରୋଇବା ଦ୍ୱାରା ମୋର ମଜୁରି ଓ ତଳି କମ ଲାଗିଲା । ଜୈବସାର ଓ ଅଣୁସାର IRDMS ସଂସ୍ଥା ତରଫରୁ ପାଇଥିବାରୁ ମୁଁ ତାକୁ ପକାଇ ଅଧିକ ଅମଳ ପାଇ ପାରିଲି । କୃଷି ଉପରେ ବିଭିନ୍ନ ତାଲିମ ଓ ସଚେତନତା ଉପଦେଶ ପାଇବାରୁ ମୋର ଏହିବର୍ଷ ଗତ ବର୍ଷ ତୁଳନାରେ ଅଧିକ ଅମଳ ହୋଇଛି । ତା ପରେ ଶେଷ କାର୍ଯ୍ୟକ୍ରମ ଶସ୍ୟକାଟ କାର୍ଯ୍ୟକ୍ରମ କରାଗଲା । ଏହି କାର୍ଯ୍ୟକ୍ରମରେ ମୋ ଜମିରୁ ୫ ମି.ରେ ୫ ମି. ଅଂଶକୁ ଶସ୍ୟକାଟ କରି ଦେଖାଗଲା ଯେ ୧୬.୨ କି.ଗ୍ରା. ଧାନ ହୋଇଛି । ଏଥିରେ ମୁଁ ଜାଣିବାକୁ ପାଇଲି ଯେ ଆଗ ଅପେକ୍ଷା ଅଧିକ ଅମଳ ହୋଇଅଛି । ମୁଁ ଗତ ବର୍ଷର ମୋର ଏକ ଏକର ପିଛା ୧୫ କୁଇଣ୍ଟାଲ ହିସାବରେ ୯୦ କୁଇଣ୍ଟାଲ ଧାନପାଇ ଥିବାବେଳେ । ମୋର ଏବର୍ଷ ଧାଡିରେ ରୋଇବା ଦ୍ୱାରା ତାର ଦେଢଗୁଣା ଅଥାତ୍ ୨୨ କୁଇଣ୍ଟାଲ ହିସାବରେ ୬ ଏକର ଜମିରୁ ୧୩୨ କୁଇଣ୍ଟାଲ ଧାନ ଅମଳ କରିପାରିଛି । ଯାହା ପୂର୍ବବର୍ଷ ମାନଙ୍କ ତୁଳନାରେ ୪୦ କୁଇଣ୍ଟାଲରୁ ଅଧିକ ହୋଇପାରିଛି । ସେଥିପାଇଁ ମୁଁ ଚାଷରୁ ପାଇଥିବା ଅଧିକ ଲାଭାଂଶରେ ମୋର ଜୀବନ ଧାରଣ ଶୈଳୀରେ ଉନ୍ନତି ପରିଲକ୍ଷିତ ହୋଇପାରିବ ବୋଲି ମୁଁ ଆଶା କରୁଛି ।





ଚାଷ କାର୍ଯ୍ୟକୁ ମୁଁ ଗୁରୁତ୍ୱ ଦେଇ ସଂପାଦନ କରିଥିବାରୁ ଏ ବର୍ଷ (୨୦୧୫-୧୬) ଜଗତିସିଂହପୁର ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉତ୍ସବରେ ସଫଳ ଚାଷି ରୂପେ ପୁରସ୍କୃତ ହୋଇଅଛି ଏହି ଉତ୍ସବରେ ରାଜ୍ୟ ସରକାରଙ୍କ ତରଫରୁ ମାନ୍ୟବର ସମବାୟ ଏବଂ ଅବକାରୀ ମନ୍ତ୍ରୀ ଶ୍ରୀଯୁକ୍ତ ଦାମୋଦର ରାଉତ ମହୋଦୟ ସମ୍ମାନୀତ କରିଥିଲେ । ପାଣିପଞ୍ଚାୟତର ଜିଲ୍ଲା ସ୍ତରୀୟ ମହୋତ୍ସବରେ ସମ୍ମାନୀତ ହୋଇଥିବାରୁ ମୁଁ ଗର୍ବିତ ।

ମୁଁ ଆସନ୍ତା ବର୍ଷ ନିଷ୍ପତ୍ତି ନେଇଛି ମୁଁ ମୋର ଜମିକୁ ୨୦୧୫ ଖରିଫ ଋତୁ ରେ ଯେପରି ଚାଷ କରିଥିଲି ସେହିପରି ପ୍ରତିବର୍ଷ ଆଧୁନିକ ଜ୍ଞାନ କୌଶଳରେ ଚାଷ କରିବି । ମୁଁ ଆଜି ଯେଉଁ ସଫଳ ଚାଷୀ ରୂପେ ପରିଗଣିତ ହୋଇପାରିଛି ସେଥିଲାଗି IRDMS ସଂସ୍ଥାର କର୍ମକର୍ତ୍ତା ଓ ଜଳସମ୍ପଦ ବିଭାଗ, ଓଡ଼ିଶା ସରକାରଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଜଣାଉଛି । ଏହା ସହିତ ମୁଁ ପ୍ରତିଶୃତି ଦେଉଅଛିକି ଆଗାମୀ ଦିନରେ ମୁଁ ଏବଂ ମୋର ଅଞ୍ଚଳର ଚାଷୀ ଭାଇମାନେ ଏହି ପଦ୍ଧତି ଅବଲମ୍ବନକରି କିପରି ଅଧିକରୁ ଅଧିକ ଫସଲ ଉତ୍ପାଦନ କରି ପାରିବେ ସେହି ଦିଗରେ ସଦା ଚେଷ୍ଟିତ ରହିବି ।

Sachidananda Panda

**ସଚ୍ଚିଦାନନ୍ଦ ପଣ୍ଡା,** ଚରଡିହା

# ଧାଡିରୁଆ କରି ଥିବା ଜଣେ ସଫଳ ଚାଷିଙ୍କର କାହାଣୀ



ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଏରସମା ବ୍ଲକର କିଆଡିଙ୍ଗିରି ଗୋଟେ ଛୋଟିଆ ଗ୍ରାମ ଏହି ଗ୍ରାମ ଦଶିପୁର ପାଣି ପାଞ୍ଚାୟତ ନଂ – ୬୨ ର ଅର୍ନ୍ତଭୁକ୍ତ । ମୁଁ କିଆଡିଙ୍ଗିରି ଗ୍ରାମର ପ୍ରମୋଦ କୁମାର ମିଶ୍ର, ପିତା- ଶ୍ରୀଯୁକ୍ତ କୁଳମଣୀ ମିଶ୍ର, ମୋର ଜମିର ପରିମାଣ ୪ ଏକର । ମୁଁ ମୋ ଜମିରେ ଆଗରୁ ବଣୁଆ ରୋଇବା ସଙ୍ଗେ ସଙ୍ଗେ ସାଧାରଣ ବିହନ ଓ ରାସାୟନିକ ସାର ବ୍ୟବହାର କରି ଚାଷ କରୁଥିଲି । ୧୩ ନଂ C କୋନାଲକୁ ଲାଗି ମୋର ଘର ଏବଂ ଚାଷ ଜମି ରହିଅଛି । ମୋର ୪ ଏକର ଜମିରୁ ଏକର ପ୍ରତି ହାରାହାରି ୧୭ କୁଇଣ୍ଟାଲ ଧାନ ହିସାବରେ ୬୮ କୁଇଣ୍ଟାଲ ଧାନ ପାଏ । ଓଡ଼ିଶା ରେ ଚାଲୁଥିବା ଓଡ଼ିଶା ସମନ୍ବିତ ଜଳସେଚିତ କୃଷି ଓ ପୁଞ୍ଜି ଲଗାଣ କାର୍ଯ୍ୟକ୍ରମରେ IRDMS ସଂସ୍ଥାର ତତ୍ତ୍ୱାବଧାନରେ କାର୍ଯ୍ୟ କରୁଥିବା ଗୋଷ୍ଠି ସଙ୍ଗଠକ ଭାଗ୍ୟଧର ବସନ୍ତିଆ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗାଁ ଗାଁରେ ବୈଠକ କରାଇ ପାଣି ପଞ୍ଚାୟତ ଦ୍ୱାରା ଚାଷ ଏବଂ ଚାଷିର ଉନ୍ନତି ବିଷୟରେ ଆଲୋଚନା କରିଥିଲେ । ମତେ ବି ସେ ଡାକିଥିଲେ, ସେଠାକୁ ଯାଇ ଦେଖେତ ବହୁତ ଲୋକ ଉପସ୍ଥିତ ଅଛନ୍ତି । ସେ ଧାନ ଚାଷର ଧାଡିରୁଆ ବିଷୟରେ ଆଲେଚନା କରୁଥିଲେ । ତାଙ୍କ ଠାରୁ ସବୁକଥା ଶୁଣିବାପରେ ମୁଁ ସେଠାରୁ ଆସି ଗୋଟିଏ ଜାଗାରେ ସ୍ଥିର ହୋଇ ଭାବିଲି ଧାଡିରୁଆ କରିବା ପାଇଁ ହେଲେ କେମିତି କରିବି ତାହା ମୁଁ ଜାଣିନଥିଲି, କିନ୍ତୁ ମୋ ମନରେ ବହୁତ ଆଗ୍ରହ ଥାଏ । ଦିନେ ହଠାତ୍ ମୋର ଭାଗ୍ୟଧରଙ୍କ ସହିତ ଭେଟ ହୋଇଗଲା । ମୁଁ ତାଙ୍କୁ ପଚାରିଲି ଧାଡିରୁଆ କଲେ କ'ଣ ଲାଭ ବଣୁଆ ରୁଆ କଲେ କ'ଣ କ୍ଷତି ସେ ମେତେ ତାଙ୍କର ମୂଲ୍ୟବାନ ସମୟ ଦେଇ ବୁଝାଇଥିଲେ ଏବଂ IRDMS ସଂସ୍ଥାର କର୍ମକର୍ତ୍ତାମାନେ କୃଷକ କ୍ଷେତ୍ର ବିଦ୍ୟାଳୟ ଯୋଜନା ସମ୍ପର୍କରେ ମତେ ବୁଝାଇଲେ ଏବଂ ଏହା ମାଧ୍ୟମରେ ଚାଷିଭାଇ ମାନଙ୍କୁ ନେଇ ଏକ କୃଷକ କ୍ଷେତ୍ର ବିଦ୍ୟାଳୟ ଆୟୋଜନ କରାଗଲା । ଏଥିରେ ଆମ୍ଭେ ତିରିଶି ଜଣ ଚାଷୀ ଅଂଶଗ୍ରହଣ କରିଥିଲୁ ।



ଏହି କ୍ଷେତ୍ର ବିଦ୍ୟାଳୟରେ ଚାଷିଭାଇ ମାନଙ୍କୁ ଆଧୁନିକ ପ୍ରଣାଳୀର ନୂତନ ଜ୍ଞାନ କୌଶଳ ସଂପର୍କରେ ତାଲିମ ପ୍ରଦାନ କରାଗଲା ବିଷେଶ ଭାବରେ ଏହି କ୍ଷେତ୍ର ବିଦ୍ୟାଳୟର ଶିକ୍ଷା ଦିବସ ମାନଙ୍କରେ ବିହନ ବିଶୋଧନ, ଗଜା ପରୀକ୍ଷା, ତଳିଘେରାର ଯତ୍ନ ତଥା ସାର ଗୁଡିକର କାର୍ଯ୍ୟ ଏବଂ ପ୍ରୟୋଗ ପ୍ରଣାଳୀ ସମ୍ପର୍କରେ ବୁଝାଇଦିଆ ଯାଇଥିଲା । ଏହା ଦ୍ୱାରା ମୁଁ ଭଲ ଭାବରେ ବୁଝିପାରିଲି ଯେ, ଧାନ ଚାଷରେ ୩ ଥର ସାର ପ୍ରୟୋଗ କରଯାଏ । ପ୍ରଥମ ଥରକୁ ରୁଆସାର କୁହାଯାଏ ଏବଂ ଯାହାର ପରିମାଣ 35 kg DAP ଓ 25 kg Potas ଏହାର ୧୫ ଦିନ ପରେ 35 kg Uria ପିଲସାର ଭାବରେ ଏବଂ ତାର ୨୦ ଦିନ ପରେ 18 kg Uria ଓ 5 kg Patas ଥୋଡସାର ହିସାବରେ ପ୍ରୟୋଗ କରାଯିବା ବିଷୟରେ ମୁଁ ବୁଝିପାରିଲି । ଏହାକୁ ମଧ୍ୟ ଚାଷକ୍ଷେତ୍ରରେ ପ୍ରୟୋଗ କରାଯାଇ ଚାଷୀ ମାନଙ୍କୁ ପୁଙ୍ଖାନୁପୁଙ୍ଖ ବୁଝାଇ ଦିଆଯିବାରୁ ଆମ୍ଭେମାନେ ଚାଷ ପ୍ରଣାଳୀକୁ ଠିକ ଭାବେ ହୃଦୟଙ୍ଗମ କରି ପାରିଲୁ । ମତେ ଏହି ଧାଡିରୁଆ ପ୍ରଣାଳୀ ଭଲଲାଗିଲା ସେ ମୋ ଜମିର ମାଟି ପରୀକ୍ଷା କରିବା ପାଇଁ ଉପଦେଶ ଦେଇଥିଲେ ଏବଂ ମୁଁ ତାଙ୍କୁ ମୋ ଜମିର ମାଟି ନମୁନା ପରୀକ୍ଷା ପାଇଁ ଦେଇଥିଲି । ମାଟି ପରୀକ୍ଷା ଫଳାଫଳ ଅନୁଯାୟୀ ମାଟିରେ ଥିବା ଖାଦ୍ୟସାରର ଅଭାବ ସମ୍ପର୍କରେ ସେଥିରେ ଉଲ୍ଲେଖ କରାଯାଇଥିଲା ଏବଂ ସେଥିପାଇଁ ଅନୁମୋଦିତ ସାର ସମ୍ପର୍କରେ ମୁଁ ଜାଣିବା ପାଇଁ ସକ୍ଷମ ହୋଇପାରିଥିଲି । ତା ପରେ ବିହନ ମଧ ପରୀକ୍ଷା କରିବା ପାଇଁ ପରୀକ୍ଷା ଗାରକୁ ପଠାଇଥିଲେ । ହାଇବ୍ରିଡ୍ ବିହନ ଆଣି ତଳି ପକାଇଥିଲି । ତଳି ହେବାର ଦଶ ପନ୍ଦର ଦିନ ମଧରେ ରୋଗ ପୋକ କବଳରୁ ରକ୍ଷାକରିବା ପାଇଁ IRDMS ସଂସ୍ଥା ତାରଫରୁ ମିଳିଥିବା Cartap Hydrochloride ପକାଇ ବିଶୋଧନ କରିଥିଲି । ତା ପରେ ଧାଡି ରୁଆ କରିଥିଲି । ମୋର ସବୁ ବର୍ଷ ଭଳି ଯେମିତି ବଣୁଆ ରୋଇଥାଏ ସେ ଭଳି ରୁଆ ନ କରି ଧାଡି ରୁଆ କରିଥିଲି ।

IRDMS ସଂସ୍ଥାର କୃଷିବେଶେଷଜ୍ଞ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଦାସ ଓ CO. ଭାଗ୍ୟଧର ବସନ୍ତିଆ ମଧ ଜୈବିକ ସାର ଏବଂ ଅଣୁସାର ବ୍ୟବହାର କରିବା ପାଇଁ ମତେ ପରାମର୍ଶ ଦେଇଥିଲେ । IRDMS ସଂସ୍ଥା ତରଫରୁ ମତେ ଏକର ପିଛା PSB- 2 kg & Azosprilium- 2 kg ଏବଂ Zinc Sulphate- 4 kg ମିଳିଥିଲା । ଏହାକୁ ମୁଁ ଧାଡିରୁଆ କରିବା ପୂର୍ବରୁ ଶେଷ ଓଡ ଚାଷରେ ପ୍ରୟୋଗ କରି ମାଟିରେ ଭଲଭାବରେ ମିଶାଇ ଧାଡିରୁଆ କରିଥିଲି । ମଝିରେ ମଝିରେ ସେମାନେ ଆସି ଚାଷ ଜମିକୁ ବୁଲି ଦେଖୁଥିଲେ । ମୋ ଜମିର ରୋଗ ପୋକ ଲାଗିବା ଆରମ୍ଭ ମାତ୍ରେ ମୁଁ ତାଙ୍କୁ ଜଣାଇ ଥିଲି ସେମାନେ ଦୁଇ ତିନି ଦିନ ଭିତରେ କୀଟନାଶକ ଔଷଧ Chloropyriphos ଆଣି ଦେଇଥିଲେ ଓ ତାର ବ୍ୟବହାର ମଧ କେମିତି କରାଯିବ କହିଥିଲେ ।

ତା ସଙ୍ଗେ ସଙ୍ଗେ ତାଙ୍କ କଥା ମାନି ସ୍ପ୍ରେ ମେସିନ୍‌ରେ କିଟନାଶକ ଔଷଧ 1 ltr. ପାଣିରେ 2 ml ସ୍ପ୍ରେ କରିବା ଦ୍ୱାରା ରୋଗ ପୋକ ଦାଉରୁ ଫସଲକୁ ରକ୍ଷା କରି ପାରିଲି । ମୁଁ ଏସବୁ ମୋ ଜମିରେ ନିର୍ଦ୍ଧାରିତ ପ୍ରଣାଳୀରେ ପ୍ରଯୋଗ କରିଥିଲି ଏବଂ ଅନୁଭବ କଲିଯେ, ମୋର ଧାନ ଗଛ ଗୁଡିକରୁ ଅଧିକ ସଂଖ୍ୟକ ପିଲ ବାହାରି ଗଛ ଗୁଡିକ ହୃଷ୍ଟପୃଷ୍ଟ ହୋଇଅଛି । ମୋର ଏ ବର୍ଷ ଆଗ ବର୍ଷ ଅପେକ୍ଷା ଭଲ ଫସଲ ହୋଇଅଛି । ମୁଁ ଧାନ ଅମଳ ପରେ ଦେଖିଲିଯେ ମୋର ଏକର ପ୍ରତି ୨୪ କୁଇଣ୍ଟାଲ ହିସାବରେ ୯୬ କୁଇଣ୍ଟାଲ ଧାନ ପାଇଅଛି । ଯାହାର ଅନୁମାନିକ ମୂଲ୍ୟ ୧ ଲକ୍ଷ ୩୫ ହଜାର ଟଙ୍କା ଅଧିକ ହେବ ଏବଂ ମୁଁ ଖର୍ଚ୍ଚ ସମ୍ପର୍କରେ ହିସାବ କରି ଦେଖିଲିଯେ, ମୋଟ ୪୦ ହଜାର ଟଙ୍କା ଖର୍ଚ୍ଚ ହୋଇଅଛି ଯାହା ପୂର୍ବବର୍ଷ ମାନଙ୍କ ତୁଳନାରେ କମ୍ ହୋଇଛି । ଯଦି ଆଗାମି ଦିନରେ ମୁଁ ଏହି ଧାଡି ରୁଆ ପ୍ରଣାଳୀରେ ଚାଷକରେ ମୋର ପରିବାରର ଆର୍ଥିକ ଅଭାବ ରହିବ ନାହିଁ । କମ୍ ସମୟରେ ଓ କମ୍ ପରିଶ୍ରମରେ ଅଧିକ ଜମି ଚାଷକରି ପାରିଛି । ଏ ବର୍ଷ ମଧ୍ଯ ଆଗ ବର୍ଷ ଅପେକ୍ଷା ବହୁତ ଭଲ ଅମଳ ହୋଇଛି । ଏତତ୍ ବ୍ୟତିତ୍ ମୁଁ ମୋର ନିଜ ବ୍ୟବହାର ପାଇଁ ମୋ ବାଡିରେ ମାଛ ଚାଷ, କଦଳୀ ଚାଷ, ପନି ପରିବା ଇତ୍ୟାଦି ବିଭିନ୍ନ ପ୍ରକାର ଚାଷ କରୁଛି । ଏହି ସବୁ ଚାଷକୁ ଆଗାମି ଦିନରେ ବ୍ୟବସାୟୀକ ଭାବେ କରିବା ପାଇଁ ମୁଁ ଯୋଜନା କରିଛି ଓ ଏଥିପାଇଁ ଆବଶ୍ୟକ ସ୍ଥଳେ ମୋର ଚାଷକାର୍ଯ୍ୟରେ ଯାହା ଅସୁବିଧା ହେବ ସେ ବିଷୟରେ ମୁଁ କୃଷି ବିଶେଷଜ୍ଞ ଏବଂ IRDMS ସଂସ୍ଥାର କର୍ମକର୍ତ୍ତାଙ୍କୁ ପଚାରି ବୁଝିବା ପାଇଁ ମନରେ ସ୍ଥିର କରିଛି ।





ଚାଷ କାର୍ଯ୍ୟକୁ ମୁଁ ଗୁରୁତ୍ୱ ଦେଇ ସଂପାଦନ କରିଥିବାରୁ ଏ ବର୍ଷ (୨୦୧୫-୧୬) ଜଗତସିଂହପୁର ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଉତ୍ସବରେ ସଫଳ ଚାଷି ରୂପେ ପୁରସ୍କୃତ ହୋଇଅଛି ଏହି ଉତ୍ସବରେ ରାଜ୍ୟ ସରକାରଙ୍କ ତରଫରୁ ମାନ୍ୟବର ସମବାୟ ଏବଂ ଅବକାରୀ ମନ୍ତ୍ରୀ ଶ୍ରୀଯୁକ୍ତ ଦାମୋଦର ରାଉତ ମହୋଦୟ ସମ୍ମାନୀତ କରିଥିଲେ । ପାଣି ପଞ୍ଚାୟତର ଜିଲ୍ଲା ସ୍ତରିୟ ମହୋତ୍ସବରେ ସମ୍ମାନୀତ ହୋଇଥିବାରୁ ମୁଁ ଗର୍ବିତ ସେଥିପାଇଁ ମୁଁ IRDMS ସଂସ୍ଥାର କର୍ମକର୍ତ୍ତା ମାନଙ୍କୁ ଧନ୍ୟବାଦ ଦେଉଅଛି ।

**ପ୍ରମୋଦ କୁମାର ମିଶ୍ର**
ଗ୍ରାମ- କିଆଡିଙ୍ଗିରି



# ଦିଗିତାରୀ ପାଣିପଞ୍ଚାୟତର ଜଣେ ଚାଷୀଙ୍କର ସଫଳ କାହାଣୀ



ମୁଁ ଅମିୟ ଖଟୁଆ, ଗ୍ରାମ- ବାରବାଟିଆ (ତନ୍ତିଆ) ର ଜଣେ ମଧ୍ୟମ ଚାଷୀ । ଚାଷମୋର ବେଉଷା, ଚାଷକରି ମୋ ସଂସାର ପ୍ରତି ପୋଷଣ କରେ । ଚାଷ କୁ ଛାଡି ମୋର ଅନ୍ୟକିଛି ଆୟପନ୍ଥା ନାହିଁ । ପ୍ରତି ବର୍ଷ ମୋ ଜମିକୁ ମୁଁ ମାଟି ମା ଭାବି ପୂଜା କରେ, ମା ମୋ ଉପରେ ସନ୍ତୁଷ୍ଟ ହୋଇ ଯାହା ପ୍ରଦାନ କରନ୍ତି ମୁଁ ଚଳିଯାଏ । ମୁଁ ଚାଷ ଜମିରେ ପ୍ରତିବର୍ଷ ଠିକ ସମୟରେ ବୁଣା, ରୁଆ, ବେଉଷଣ ଇତ୍ୟାଦି ସବୁକିଛି କରିଥାଏ । କିନ୍ତୁ IRDMS ନାମକ ଏକ ସସ୍ଥାର ଗୋଷ୍ଠି ସଂଗଠକ ଶ୍ରୀଯୁକ୍ତ ଅଦୈତ କୁମାର ଜେନା ଆସି ମୋ ଚାଷ ଏବଂ ଚିନ୍ତାଧାରାକୁ ବଦଳାଇ ଦେଲେ ଏବଂ ଉନ୍ନତ ଜ୍ଞାନ କୌଶଳରେ ଚାଷ କରିବା ପାଇଁ ପରାମର୍ଶ ଦେଲେ ।

IRDMS କର୍ମକର୍ତ୍ତାମାନେ ଆମ ଗ୍ରାମକୁ ଆସି ଗ୍ରାମର ସମସ୍ତ ଚାଷୀଭାଇ ମାନଙ୍କୁ ଡାକି ଆମ ଚାଷର ପ୍ରଣାଳୀ ବିଷୟରେ ପଚାରି ବୁଝିଥିଲେ ଏବଂ ପରେ ଆମକୁ ମାଟି ପରୀକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ । ଆମେ ମାଟି ପରୀକ୍ଷା କରିବା ପାଇଁ ଚାଷ ଜମିରୁ ମାଟି ନମୁନା ସଂଗ୍ରହକରି ଦେଇଥିଲୁ । ମାଟି ପରୀକ୍ଷା ଫଳ ଅନୁଯାୟୀ ମାଟିରେ ଅଭାବ ରହିଯାଇଥିବା ଖାଦ୍ୟ ସାରକୁ ପୁରଣ କରିବା ପାଇଁ ସେମାନେ ଆମକୁ ପରାମର୍ଶ ଦେଇଥିଲେ । ବୁଣିବା ପୂର୍ବରୁ ବିହନକୁ Carbendazim ମାଧ୍ୟମରେ ବିଶୋଧନ କରି ବୁଣି ଥିଲି ଏବଂ ତଳିକୁ ନିରୋଗ ରଖିବା ପାଇଁ IRDMS ଦ୍ୱାରା ଦିଆଯାଇଥିବା Granular Pesticide ମାଧ୍ୟମରେ ତଳି ଘେରାକୁ ବିଶୋଧନ କରିଥିଲି । ମତେ ଏଦିଗରେ ସବୁଠୁ ବଡ ସଫଳତା ଆଣି ଦେଇଥିଲା ଧାଡିରୁଆ । ଧାନ କୁ ବଣୁଆ ରୁଆ ପରିବର୍ତ୍ତେ ଧାନକୁ ଧାଡିରେ ରୁଇବା ଦ୍ୱାରା ମୁଁ ଅନୁଭବ କଲିଯେ କମ୍ ଖର୍ଚ୍ଚରେ ମୋର ସବୁ ବିଲ ରୋଇବା କାର୍ଯ୍ୟ ଶେଷ ହୋଇଗଲା । ଧାନ ଗଛ ଅଧିକ ପିଲ, ଶକ୍ତି ଶାଳୀ ଓ ପୋକମାନଙ୍କ ଦାଉରୁ ରକ୍ଷା ହୋଇପାରିଲା । ମାଟି ପରିକ୍ଷା ଫଳ ଅନୁଯାୟୀ IRDMS ଦ୍ୱାରା ପ୍ରଦାନ କରାଯାଇଥିବା ଅଣୁସାର (Micro Nutrient - Zincsulphate) ଜୀବାଣୁ ସାର Azospirilium & PSB ର ବ୍ୟବହାର କରି ତାର ସୁଫଳ ଆଜି ପାଇଅଛି ।

IRDMS ଦ୍ୱାରା ଆୟୋଯିତ କୃଷକ କ୍ଷେତ୍ର ବିଦ୍ୟାଳୟରେ ଯୋଗଦାନ କରି ଚାଷ ସମ୍ବନ୍ଧରେ ବିଶେଷଜ୍ଞାନ କୃଷି ବିଷୋଶଜ୍ଞ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଦାସ ସାରଙ୍କ ଠାରୁ ପାଇ, ତାହାକୁ ଠିକ ସମୟରେ ମୋ ଚାଷ କାର୍ଯ୍ୟରେ ଲଗାଇଥିଲି । କ୍ଷେତରେ ରୋଗ ପୋକକୁ ଦମନ କରିବା ପାଇଁ କୃଷି ବିଶେଷଜ୍ଞଙ୍କ ଠାରୁ ପରାମର୍ଶ ନେଇଥିଲି ଏବଂ IRDMS ଦ୍ୱାରା ପ୍ରଦାନ କରାଯାଇଥିବା କୀଟନାଶକ ଔଷଧ Chloropyriphos କୁ ୧ ଲିଟର ପାଣିରେ ୨ ମିଲି ଲେଖାଁଏ ମିଶାଇ ପ୍ରୟୋଗ କରିଥିଲି । ଯାହା ଦ୍ୱାରା ମୁଁ ଆଜି ମୋ ଜମିରୁ ବିଗତ ବର୍ଷ ଏକର ପ୍ରତି ୧୯ କୁଇଣ୍ଟାଲ ଧାନ ପାଇଥିବା ସ୍ଥଳେ ଏ ବର୍ଷ IRDMS ର ତତ୍ୱାବଧାନରେ ଧାନ ଚାଷ କରି ଏକର ପ୍ରତି ୨୯ କୁଇଣ୍ଟାଲ ଧାନ ଅମଳ କରି ଆନନ୍ଦିତ ହୋଇଅଛି ।



IRDMS ଦ୍ୱାରା ଆମ ପାଣିପଞ୍ଚାୟତରୁ ୨୦ ଜଣ ଚାଷି କ୍ଷେତ୍ର ପରିଭ୍ରମଣ କାର୍ଯ୍ୟକ୍ରମରେ କଟକ ବିଦ୍ୟାଧରପୁର ଠାରେ ଅବସ୍ଥିତ କେନ୍ଦ୍ରିୟ ଧାନ ଗବେଷଣା କେନ୍ଦ୍ର, ବିହନ ପରୀକ୍ଷାଗାର ଭୁବନେଶ୍ୱର ଓ କୃଷି ବୈଷୟୀକ ବିଶ୍ୱ ବିଦ୍ୟାଳୟ ଭୁବନେଶ୍ୱରକୁ କୃଷି ସମ୍ପର୍କିତ କାର୍ଯ୍ୟକ୍ରମ ଦେଖିବା ପାଇଁ ଯାଇଥିଲୁ । ଏଥିରେ ମୁଁ ବିଭିନ୍ନ କିସମର ଧାନ, ମୁଗ ଓ ବିଭିନ୍ନ ପନିପରିବା ଚାଷ ସମ୍ପକରେ ଜାଣିବାକୁ ପାଇଥିଲି ଏବଂ ଜମିର କିସମ ଅନୁଯାୟୀ ଡିପ ଜମିରେ ପନିପରିବା, ମଧ୍ୟମ ଓ ଖାଲ ଜମିରେ ଧାନଚାଷ କରିବା ପ୍ରଣାଳୀ ସମ୍ପର୍କରେ ସେଠାରେ ଥିବା ବିଶେଷଜ୍ଞ ମାନଙ୍କ ଠାରୁ ପଚାରି ବୁଝିପାରିଥିଲି ।

ବଣୁଆ ରୁଆ କରିବା ଦ୍ୱାରା ମୋର ଅଧିକ ସମୟ ରୁଆରେ ସରିଯାଏ, କିନ୍ତୁ ଏ ବର୍ଷ ମୁଁ ଧାନକୁ ଧାଡିରେ ରୁଇବା ଦ୍ୱାରା କମ୍ ସମୟ ମଧ୍ୟରେ ମୋର ରୁଆ କାର୍ଯ୍ୟ ସରିଯିବା ଦ୍ୱାରା ଖରିଫ ଚାଷ ପରେ ମୋର ଏକ ଏକର ଉଚ୍ଚା ଜମିରେ ଚାଷ କରି ମୁଁ ପନିପରିବା ଫସଲ ଯଥା କ୍ୟାପସିକମ୍, ବିଟ୍, ଗାଜର ଓ ବିନ୍ସ ଇତ୍ୟାଦି ଚାଷ କରି ଉତ୍ପାଦନ କରିପାରିଛି । ତାହାକୁ ମୋ ନିଜ ଖାଇବା ଖର୍ଚ୍ଚ ପରେ ମୁଁ ନିକଟସ୍ଥ ରହାମା ବଜାରରେ ବିକ୍ରିକରାଇ ୪୦ ହଜାର ଟଙ୍କା ପାଇପାରିଛି । ଯାହାଦ୍ୱାରା ପନିପରିବା ଚାଷ କରି ମୋ ସଂସାରକୁ ଖୁସିରେ ଚଳାଇ ପାରିଛି । ମୋ କୃଷି କାର୍ଯ୍ୟ ମଧ୍ୟରେ ୨୦୧୫- ୧୬ ବର୍ଷ ମୋ ପାଇଁ ଏକ ସ୍ମରଣୀୟ ବର୍ଷ IRDMS ଦ୍ୱାରା ମୁଁ ଏବର୍ଷ ଅଧିକ ସଫଳତା ପାଇଥିବାରୁ ମୋର ପାଖ ପଡୋଶି ଗ୍ରାମର ଚାଷିମାନେ ମତେ ସଫଳତାର ବାଟ ବିଷୟରେ ଅନେକ ପ୍ରଶ୍ନ ପଚାରୁ ଛନ୍ତି । ମୁଁ ସେମାନଙ୍କୁ ମୋର ଅନୁଭୁତି ସମ୍ପକରେ ବୁଝାଇ କହିଛି ।




ଏଥିପାଇଁ IRDMS ର କର୍ମକର୍ତ୍ତାଙ୍କୁ ଅଶେଷ ଧନ୍ୟବାଦ । ଏହି ଧାରାକୁ ବଜାଇ ରଖିବା ପାଇଁ ମୁଁ ସଂକଳ୍ପ କରିଅଛି ।

ଅମିୟ ଖଟୁଆ

**ଅମିୟ ଖଟୁଆ,** ଗ୍ରାମ- ବାରବାଟିଆ

# ଗରେଇ ପାଣି ପଞ୍ଚାୟତ ଜଣେ ଚାଷୀଙ୍କର ସଫଳ କାହାଣୀ



ଗରେଇ ପାଣିପଞ୍ଚାୟତ ଅଧିନସ୍ଥ ଭ୍ରମରକୋଲା (ଗଭଡି) ଗ୍ରାମର ଶ୍ରୀଯୁକ୍ତ ସୁଧାକର ମୁଦୁଲି ଜଣେ କ୍ଷୁଦ୍ରଚାଷୀ । ସେ ୪ ଏକର ଜମି ଚାଷ କରନ୍ତି । ପ୍ରତ୍ୟେକ ବର୍ଷ ଭଳି ଏବର୍ଷ ମଧ୍ୟ ସେ ତାଙ୍କର ସେହି ୪ ଏକର ଜମିକୁ ଚାଷ କରିଥିଲେ । ଆମେ ତାଙ୍କ ସହିତ ସାକ୍ଷାତ କରି ଏବର୍ଷର ଚାଷକାମରେ ପାଇଥିବା ସଫଳତା ଓ ବିଫଳତା ବିଷୟରେ ପଚାରି ବୁଝିଥିଲୁ ଏବଂ ସେ ଉତ୍ତର ରେ ତାଙ୍କ ସଫଳତା ଆମ ଆଗରେ ବର୍ଣ୍ଣନା କରିଥିଲେ ।

ମୁଁ ସୁଧାକର ମୁଦୁଲି, ପିତା- ଦିବାକର ମୁଦୁଲି ଆମ୍ଭ ଗ୍ରାମର ନାମ ଭ୍ରମରକୋଲା (ଗଭଡି) ଗ୍ରାମଟି ଗରେଇ ପାଣିପଞ୍ଚାୟତର ଅନ୍ତର୍ଗତ । ମୋର ଜମିଟି ଗରେଇ ସବମାଇନର୍ ଅଧିନସ୍ଥ କ୍ଷୋଠ ନଂ ୧୨-L ର ଶେଷଭାଗରେ ଅବସ୍ଥିତ । ମୁଁ ଆଗରୁ ମୋର ଜମିରେ ପୁରୁଣାକାଳର ନିୟମ ଅନୁସାରେ ଚାଷ କାର୍ଯ୍ୟ କରୁଥିଲି, କିନ୍ତୁ ଏ ବର୍ଷ IRDMS ସଂସ୍ଥାର ସାହାଯ୍ୟ ଓ ସହଯୋଗରେ ମୁଁ ବର୍ତ୍ତମାନ ଆମ୍ଭ ପାଣି ପଞ୍ଚାୟତରେ ଜଣେ ସଫଳ ଚାଷୀ ରୂପେ ନିଜର ପରିଚୟ ସୃଷ୍ଟି କରିପାରିଛି । ମୁଁ ଆଜି ଅତ୍ୟାଧୁନିକ ଜ୍ଞାନ କୌଶଳରେ ଚାଷ କରି ୪ ଏକର ଜମିରୁ ୧୦୨ କୁଇଣ୍ଟାଲ ଧାନ ଅମଳ କରିପାରିଛି । ଏଥିପାଇଁ ମୋର ନିଷ୍ପାପର କାର୍ଯ୍ୟ ଏବଂ IRDMS ସଂସ୍ଥାର କର୍ମଚାରୀ ମାନଙ୍କ ସହାୟତା ଓ ସହଯୋଗ ମୋତେ ସଫଳତାର ସୋପାନରେ ପହଞ୍ଚାଇ ପାରିଛି ନିମ୍ନ ଲିଖିତ ପଦକ୍ଷେପ ଗୁଡିକ ମୁଁ ଚାଷ କାର୍ଯ୍ୟରେ ଲଗାଇ ଥିବାରୁ ଏ ସଫଳତା ପାଇଛି ।



IRDMS ସଂସ୍ଥାର ସହୟତାରେ ମୁଁ ମୋ ଜମିର ମାଟି ନମୁନାକୁ ପରୀକ୍ଷା କରିବା ପାଇଁ ପଠାଇଥିଲି ଏବଂ ମୃତ୍ତିକା ପରୀକ୍ଷାର ଏକ କାର୍ଡ ପାଇଥିଲି ଯେଉଁଥିରେ କି ଆବଶ୍ୟକ ବିଭିନ୍ନ ସମୟରେ ଅଣୁସାର ଓ ରାସାୟନିକ ସାରର ପ୍ରଯୋଗ ଲେଖାଯାଇଥିଲା । ମାଟି ପରୀକ୍ଷା କାର୍ଡ଼ ଅନୁଯାୟୀ ଅନୁମୋଦନ କରାଯାଇଥିବା ସାରକୁ ମୁଁ ଜମିରେ ପ୍ରୟୋଗ କରିଥିଲି । ମୁଁ ମୋର ବିହନକୁ IRDMS ସଂସ୍ଥାର ସହାୟତାରେ ବିଶୋଧନ କରିଥିଲି ଏବଂ ବିହନଙ୍କୁ ଗଜା ପରୀକ୍ଷା ପାଇଁ ପଠାଇଥିଲି । ଧାନ ତଳିକୁ ପୋକ ଦାଉରୁ ରକ୍ଷା କରିବା ପାଇଁ ଧାନତଳି ରୁଆର ସାତଦିନ ପୂର୍ବରୁ Granual Pestiside ପକାଇଥିଲି । ଧାନ ତଳିକୁ ରୁଆ ହେବା ପୂର୍ବରୁ ଜମିକୁ ଭଲକରି କାଦୁଅ କରିଥିଲି । ସେହି କାଦୁଅରେ ଅଣୁସାର, ଜୈବସାର (P.S.B., Azospirilum & Zinc Sulphate) ଇତ୍ୟାଦି ମାଟିସହ ଭଲକରି ମିଶାଇ କାଦୁଅ ଜମିରେ ପକାଇଥିଲି । IRDMS ସଂସ୍ଥାର ସହାୟତାରୁ ମୁଁ ୪ ଏକର ଜମିକୁ ଏ ବର୍ଷ ଧାଡିରେ ରୁଆ ଧାନ ଚାଷ କରିଥିଲି ଏବଂ IRDMS ସଂସ୍ଥାର କୃଷି ବିଶେଷଜ୍ଞ ଙ୍କ ସହ ଯୋଗାଯୋଗ କରି ଆବଶ୍ୟକ ଅନୁଯାୟୀ ସାର, ଔଷଧ ଓ ଜଳର ବ୍ୟବହାର କରିଥିଲି । IRDMS ସଂସ୍ଥା ତରଫରୁ ହେଉଥିବା "କୃଷକ କ୍ଷେତ୍ର ବିଦ୍ୟାଳୟରେ" ଯୋଗ ଦେଇ ଚାଷ ଜନିତ ବିଭିନ୍ନ ପ୍ରକାର ବିଷୟରେ ଜାଣିବାକୁ ପାଇଥିଲି ଏବଂ ମୋର ବିଭିନ୍ନ ପ୍ରକାର ଚାଷ ଜନିତ ପ୍ରଶ୍ନର ସମାଧାନ ପାଇ ପାରିଥିଲି । କୃଷକ କ୍ଷେତ୍ର ବିଦ୍ୟାଳୟରେ ଶିକ୍ଷା ଦିଆଯାଇଥିବା ଚାଷ ପାଠ୍ୟକ୍ରମ ଗୁଡିକୁ ଚାଷକାର୍ଯ୍ୟରେ ଲଗାଇ ଥିଲି ।



ଶେଷରେ IRDMS ସଂସ୍ଥା ତରଫରୁ ହେଉଥିବା ଶଷ୍ୟ କାଟ କାର୍ଯ୍ୟକ୍ରମରେ ମୋର ଜମିକୁ ବଛାଯାଇଥିଲା ଏବଂ ମୋର ଜମିରେ ୫ମିଟର ରେ ୫ମିଟର କରାଯାଇଥିଲା । ମୋର ୪ ଏକର ଜମିକୁ ପୂର୍ବ ବର୍ଷମାନଙ୍କରେ ୭୦-୭୫ କୁଇଣ୍ଟାଲ ଧାନ ଅମଳ ହୁଏ କିନ୍ତୁ ୨୦୧୫ ଖରିଫ ଋତୁରେ IRDMS ସଂସ୍ଥାର ସହାୟତା ଓ ଆଧୁନିକ ଜ୍ଞାନ କୌଶଳରେ ମୁଁ ସେହି ୪ ଏକର ଜମିରୁ ୧୧୦ କୁଇଣ୍ଟାଲ ଧାନ ଅମଳ କରିପାରିଥିଲି ।

ମୁଁ ଆସନ୍ତା ବର୍ଷ ନିଷ୍ପତ୍ତି ନେଇଛି ମୁଁ ମୋର ଜମିକୁ ୨୦୧୫ ଖରିଫ ଋତୁ ରେ ଯେପରି ଚାଷ କରିଥିଲି ସେହିପରି ପ୍ରତିବର୍ଷ ଆଧୁନିକ ଜ୍ଞାନ କୌଶଳରେ ଚାଷ କରିବି । ମୁଁ ଆଜି ଯେଉଁ ସଫଳ ଚାଷୀ ରୂପେ ପରିଗଣିତ ହୋଇପାରିଛି ସେଥିଲାଗି IRDMS ସଂସ୍ଥାର ଗୋଷ୍ଠୀ ସଂଗଠକ ଶ୍ରୀ ଗୁରୁଚରଣ ପଟ୍ଟନାୟକ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଜଣାଉଛି । ମୁଁ ପ୍ରତିଶୃତି ଦେଉଅଛିକି ଆଗାମୀ ଦିନରେ ମୁଁ ଏବଂ ମୋର ଚାଷୀ ଭାଇମାନେ ଏହି ପଦ୍ଧତି ଅବଲମ୍ବନକରି ଅଧିକରୁ ଅଧିକ ଫସଲ ଉତ୍ପାଦନ କରି ପାରିବୁ ।

ସୁଧାକର ମୁଦୁଲି

**ଶ୍ରୀଯୁକ୍ତ ସୁଧାକର ମୁଦୁଲି,** ଭ୍ରମରକୋଲା (ଗଭଡି)

# ଧାଡିରୁଆ କରିଥିବା ଜଣେ ସଫଳ ଚାଷିଙ୍କର କାହାଣୀ



ମୁଁ ଜୟନ୍ତ କୁମାର ଲେଙ୍କା, ମାଧବ ପାଣି ପଞ୍ଚାୟତ ନଂ-୩୦ ଅର୍ନ୍ତଗତ ଦଣ୍ଡମିର ଗ୍ରାମର ବାସିନ୍ଦା ଅଟେ । ମୋର ପାଠ ପଢା ପରେ ବିଗତ ୩ ବର୍ଷ ଧରି ଚାଷକାର୍ଯ୍ୟରେ ବାପାଙ୍କୁ ସମ୍ପୂର୍ଣ୍ଣ ସାହାର୍ଯ୍ୟ କରୁଅଛି । ଏହି ବର୍ଷ ଖରିଫ ଚାଷ ପୁର୍ବରୁ ମୋର IRDMS ସଂସ୍ଥାର କର୍ମଚାରୀ ଙ୍କ ସହିତ ସାକ୍ଷାତ ହୋଇଥିଲା । IRDMS ସଂସ୍ଥାର କର୍ମକର୍ତ୍ତାମାନେ କୃଷକ କ୍ଷେତ୍ର ବିଦ୍ୟାଳୟ ଯୋଜନା ସ୍ଂପର୍କରେ ମତେ ବୁଝାଇଲେ ଏବଂ ଏହା ମାଧମରେ ଚାଷିଭାଇ ମାନଙ୍କୁ ନେଇ ଏକ କୃଷକ କ୍ଷେତ୍ର ବିଦ୍ୟାଳୟ ଗଠନ କରାଗଲା । ଏଥିରେ ଆମ୍ଭେ ତିରିଶି ଜଣ ଚାଷୀ ଅଂଶଗ୍ରହଣ କରିଥିଲୁ । ଏହି କ୍ଷେତ୍ର ବିଦ୍ୟାଳୟରେ ଚାଷିଭାଇ ମାନଙ୍କୁ ନୂତନ ଆଧୁନିକ ପ୍ରଣାଳୀର ନୂତନ ଜ୍ଞାନ କୌଶଳ ସଂପର୍କରେ ତାଲିମ ପ୍ରଦାନ କରାଗଲା ଏବଂ ଏହାକୁ ଚାଷକ୍ଷେତ୍ରରେ ପ୍ରୟୋଗ କରାଯାଇ ଚାଷୀ ମାନଙ୍କୁ ପୁଂଖାନୁପୁଂଖ ବୁଝାଇଦିଆଯିବାରୁ ଆମ୍ଭେମାନେ ଚାଷ ପ୍ରଣାଳୀକୁ ଠିକ ଭାବେ ହୃଦୟଙ୍ଗମ କରି ପାରିଲୁ ।



ସେମାନେ ମତେ କୃଷକ କ୍ଷେତ୍ର ବିଦ୍ୟାଳୟରେ ଚାଷ ସମ୍ପକରେ ବହୁତ କିଛି ପରାମର୍ଶ ଦେଇଥିଲେ । ସେମାନଙ୍କର ପରାମର୍ଶ ଅନୁଯାୟୀ ପ୍ରଥମେ ମୁଁ ମୋ ଜମିରୁ ସେମାନଙ୍କର ଉପସ୍ଥିତିରେ ମାଟି ସଂଗ୍ରହ କରି ମାଟି ପରୀକ୍ଷା ପାଇଁ ଦେଇଥିଲି । ଏହାପରେ ମୋର ଧାନ ବିହନକୁ ପରିକ୍ଷା ପାଇଁ ପଠା ଯାଇଥିଲା । IRDMS ସଂସ୍ଥାର କର୍ମଚାରିମାନେ ମତେ ଧାଡିରୁଆ ପ୍ରଣାଳୀରେ ଚାଷକରିବା ପାଇଁ ପରାମର୍ଶ ଦେଇଥିଲେ ଏବଂ ଆବଶ୍ୟକ ସହଯୋଗ ପାଇଁ ପ୍ରତିଶୃତି ଦେଇଥିଲେ । ଏଣୁ ମୁଁ ଏ ବର୍ଷ ଆମ୍ଭର ୪ ଏକର ଜମି ଧାଡି ରୁଆରେ ଚାଷ କରିଛି । ମୁଁ ପ୍ରଥମେ IRDMS ସଂସ୍ଥା ଦ୍ୱାରା ଦିଆଯାଇଥିବା ରାସାୟନିକ ଔଷଧ ମାଧମରେ (କାର୍ବେଣ୍ଡାଇଜିମ୍) ୧ କିଲୋ ବିହନରେ ୨ ଗ୍ରାମ ଔଷଧ ମିଶାଇ ବିହନ ବିଶୋଧନ କରି ତଳି ପକାଇଥିଲି । ତଳିକୁ ବିଶୋଧନ କରିବା ପାଇଁ ୧ ଏକର ଜମିରେ ତଳି ପାଇଁ ୧ କିଲୋ ଦାନାଦାର (କାର୍ଟାପ ହାଇଡ୍ରୋକ୍ଲୋରାଇଡ) IRDMS ସଂସ୍ଥା ଦ୍ୱାରା ମତେ ଦିଆଯାଇଥିଲା । ଏହାକୁ ମୁଁ ମୋ ଜମିରେ ପ୍ରୟୋଗ କରିଥିଲି । ଧାନ ରୋଇବା ପୂର୍ବରୁ IRDMS ସଂସ୍ଥାର କର୍ମକର୍ତ୍ତାମାନେ ମତେ ଧାଡି ରୋଇବାର ପ୍ରଣାଳୀ ଏବଂ ଜୈବସାର ଓ ଅଣୁସାରର ପ୍ରୟୋଗ ବିଷୟରେ ବୁଝାଇଥିଲେ । ସେହି ଅନୁଯାୟୀ IRDMS ସଂସ୍ଥା ଦ୍ୱାରା ଦିଆ ଯାଇଥିବା ପି.ଏସ୍.ବି. ଓ ଆଜୋସ୍ପିରିଲିୟମ ସାର ଏକର ପ୍ରତି ୪ କେଜି (ପିଏସ.ବି ୨ କେଜି ଓ ଆଜୋସ୍ପିରିଲିୟମ ୨ କେଜି) ହିସାବରେ ମତେ ମିଳିଥିଲା ଓ ଜିଙ୍କସଲଫେଟ୍ ଏକର ପ୍ରତି ୪ କେଜି ମିଳିଥିଲା ।



ତାହାକୁ ମୁଁ ମୋ ଜମିରେ ପ୍ରୟୋଗ କରିଥିଲି । ରୋଗ ପୋକ ପାଇଁ IRDMS ସଂସ୍ଥା ଦ୍ୱାରା ଦିଆଯାଇଥିବା ଔଷଧ କ୍ଲୋରୋପାଇରିଫସ୍ ଏକର ପ୍ରତି ୪୦୦ ମିଲି ହିସାବରେ ଦିଆଯାଇଥିଲା ଓ IRDMS ସଂସ୍ଥାର କର୍ମକର୍ତ୍ତାଙ୍କ ପରାମର୍ଶ ଅନୁଯାୟୀ ୧ ଲିଟର ପାଣିରେ ୨ ମିଲି ହିସାବରେ ପ୍ରୟୋଗ କରିଥିଲି । ଏ ବର୍ଷ ମୁଁ IRDMS ସଂସ୍ଥାର କର୍ମକର୍ତ୍ତା ଏବଂ କୃଷି ବିଶେଷଜ୍ଞ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଷ କରିଥିଲି । ଏଣୁ ଏ ବର୍ଷ ମୁଁ ପୂର୍ବ ବର୍ଷ ଅପେକ୍ଷା ଅଧିକ ଅମଳ ପାଇଛି । ପୂର୍ବ ବର୍ଷ ମୁଁ ୧ ଏକରରୁ ୧୮ ରୁ ୨୦ କୁଇଣ୍ଟାଲ ଅମଳ ପାଇଥିବା ବେଳେ ଏବର୍ଷ ୨୫ କୁଇଣ୍ଟାଲ ଅମଳ ପାଇ ପାରିଛି ।

IRDMS ସଂସ୍ଥା ଦ୍ୱାରା ଆମ ପାଣିପଞ୍ଚାୟତରୁ ୨୦ ଜଣ ଚାଷି କ୍ଷେତ୍ର ପରିଭ୍ରମଣ କାର୍ଯ୍ୟକ୍ରମରେ କଟକ ବିଦ୍ୟାଧରପୁର ଠାରେ ଅବସ୍ଥିତ କେନ୍ଦ୍ରିୟ ଧାନ ଗବେଷଣା କେନ୍ଦ୍ର, ବିହନ ପରିକ୍ଷାଗାର ଭୁବନେଶ୍ୱର ଓ କୃଷି ବୈଷୟୀକ ବିଶ୍ୱ ବିଦ୍ୟାଳୟ ଭୁବନେଶ୍ୱରକୁ କୃଷି ସମ୍ପର୍କିତ କାର୍ଯ୍ୟକ୍ରମ ଦେଖିବା ପାଇଁ ଯାଇଥିଲୁ । ଏଥିରେ ମୁଁ ବିଭିନ୍ନ କିସମର ଧାନ, ମୁଗ ଓ ବିଭିନ୍ନ ପନିପରିବା ଚାଷ ସମ୍ପର୍କରେ ଯାଣିବାକୁ ପାଇଥିଲି ଏବଂ ଜମିର କିସମ ଅନୁଯାୟୀ ଢିପଜମି ପନିପରିବା, ମଧ୍ୟମ ଓ ଖାଲ ଜମିରେ ଧାନଚାଷ କରିବା ପ୍ରଣାଳୀ ସମ୍ପର୍କରେ ସେଠାରେ ଥିବା କୃଷି ବୈଜ୍ଞାନିକ ମାନଙ୍କ ଠାରୁ ପରିରି ବୁଝିପାରିଥିଲି ।

ଏଣୁ ମୁଁ ବହୁତ ଖୁସି IRDMS ସଂସ୍ଥା ଦ୍ୱାରା ଆମେ ବହୁତ କଛି କୃଷି ପ୍ରଣାଳୀ ଜାଣି ପାରିଛୁ । ସେଥିପାଇଁ ମୁଁ IRDMS ସଂସ୍ଥା କୁ ଧନ୍ୟବାଦ ଦେଉଅଛି ।

ଜୟନ୍ତ କୁମାର ଲେଙ୍କା

**ଜୟନ୍ତ କୁମାର ଲେଙ୍କା,** ଗ୍ରାମ- ଦଣ୍ଡମିର

# ମହାବୀର ପାଣି ପଞ୍ଚାୟତର ସଫଳ କାହାଣୀ

# ପାଣି ପଞ୍ଚାୟତ ଦ୍ୱାରା ସଫଳ ସହଭାଗୀ ଜଳ ସେଚନ ପରିଚାଳନା



ସହଭାଗୀ ଜଳ ସେଚନ ପରିଚାଳନା କେବଳ ଜଳସେଚନ ବ୍ୟବସ୍ଥାକୁ ପରିଚାଳନା ଓ ଜଳ ପରିଚାଳନାକୁ ବୁଝାଯାଏ ନାହିଁ । ଏହା ସହିତ ସାମୂହିକ ବା ଗୋଷ୍ଠୀ ଗତ ଭାବରେ କାର୍ଯ୍ୟ ଗୁଡ଼ିକୁ ସମ୍ପାଦନା କରିବା ହେଉଛି ସହଭାଗୀ ଜଳ ସେଚନ ପରିଚାଳନା । ଏହାଦ୍ୱାରା ଅଳ୍ପ ପରିଶ୍ରମରେ ଏବଂ ଖର୍ଚ୍ଚରେ ଅଧିକ ଚାଷୀ ସଦସ୍ୟ ମାନଙ୍କର କାର୍ଯ୍ୟ ସମାପନ ହୋଇପାରେ । ସହଭାଗିତା ଭିତ୍ତିରେ କାର୍ଯ୍ୟ କରାଗଲେ କୃଷକ ସଂଗଠନ ତଥା ପାଣିପଞ୍ଚାୟତ ସ୍ତରରେ ସାମୁହିକ କାର୍ଯ୍ୟକ୍ରମ ଜରିଆରେ ଜଳର ସଦୁପଯୋଗ ହୋଇପାରିବା ସହିତ ଉନ୍ନତ ପ୍ରଣାଳୀରେ ଚାଷକାର୍ଯ୍ୟ କରାଯାଇ ଚାଷିଭାଇ ମାନଙ୍କର ଆର୍ଥିକ ମାନଦଣ୍ଡ କୁ ସୁଦୃଢ଼ କରାଯାଇ ପାରିବ । ଏହା ଦ୍ୱାରା ଗ୍ରାମାଞ୍ଚଳରେ ବସବାସ କରୁଥିବା କୃଷକ ମାନଙ୍କ ପାଇଁ ନିମ୍ନଲିଖିତ ସୁବିଧା ସୁଯୋଗ ସୃଷ୍ଟି ହୋଇ ପାରିବ ।

- ପାଣି ପଞ୍ଚାୟତ ଅଞ୍ଚଳର ଚାଷିମାନଙ୍କ ମଧ୍ୟରେ ଏକତା ବୃଦ୍ଧି ଘଟିବା ସହିତ ଗ୍ରାମ ଗ୍ରାମ ମଧ୍ୟରେ ସୁ ସମ୍ପର୍କ ସୃଷ୍ଟି ହୋଇ ପାରିବ ।
- ପାଣିପଞ୍ଚାୟତର ବିଭିନ୍ନ ଉପ କମିଟି ମାନଙ୍କ ଦ୍ୱାରା କାର୍ଯ୍ୟ ଗୁଡ଼ିକୁ ହାତକୁ ନେଇ ଚାଷି ଏବଂ କୃଷି ଶ୍ରମିକ ମାନଙ୍କର ଜିବିକା ନିର୍ବାହର ଉନ୍ନତ ପନ୍ଥାମାନେ ଅବଲମ୍ବନ କରି ଅଧିକ ଉପାର୍ଜନ ହୋଇ ପାରିବ ।
- ପ୍ରଚଳିତ ଫସଲ ପର୍ଯ୍ୟାୟରେ ଆବଶ୍ୟକ ପରିବର୍ତ୍ତନ ଆଣି ଜମିର ଉତ୍ପାଦିକା ଶକ୍ତି କୁ ବୃଦ୍ଧି କରାଯାଇ ପାରିବ ।
- କୃଷିଜାତ ଦ୍ରବ୍ୟର ଉପଯୁକ୍ତ ବଜାରର ସୁଯୋଗ ସୃଷ୍ଟି ପାଇଁ ବିଭିନ୍ନ ସ୍ତରରେ ଆବଶ୍ୟକ ପଦକ୍ଷେପ ନେଇ ହେବ ।
- ପାଣିପଞ୍ଚାୟତର କୃଷକ ମାନଙ୍କୁ ସଶକ୍ତିକରଣ କରାଇ ଉପଯୁକ୍ତ ଯୋଜନା ପ୍ରସ୍ତୁତି ଏବଂ ଏହାର ମୂଲ୍ୟାୟନ କରାଯାଇ ପାରିବ ।
- ଯୋଜନା ଗୁଡ଼ିକୁ ନିଧାରିତ ସମୟରେ କାର୍ଯ୍ୟକ୍ଷମ କରାଯାଇ ପାରିବ ।
- ଚାଷିଭାଇ ମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ହୋଇ ପାରିବ ।

ସହଭାଗୀ ଜଳ ସେଚନ ପରିଚାଳନା ମାଧ୍ୟମରେ ତାଳଦଣ୍ଡା ବୃହତ ଜଳ ସେଚନ ଉପ ପ୍ରକଳ୍ପ ଅର୍ନ୍ତଗତ ମହାବୀର ପାଣି ପଞ୍ଚାୟତ ନଂ ୩୮ ର ଚାଷିମାନେ ପାଣି ପଞ୍ଚାୟତ ସହାୟତାରେ IRDMS ସଂସ୍ଥାର କର୍ମୀ ମାନଙ୍କ ପରାମର୍ଶ କ୍ରମେ ସାମୁହିକ ଭିତ୍ତିରେ କାର୍ଯ୍ୟକରି ସଫଳତା ହାସଲ କରିଛନ୍ତି । ଉକ୍ତ ସଫଳତା ସମ୍ପର୍କରେ ପାଣି ପଞ୍ଚାୟତର ସମ୍ପାଦକ ଶ୍ରୀଯୁକ୍ତ ସଶାଂଷୁ ଶେଖର ଦାସ ତାଙ୍କର ଅନୁଭୁତି କୁ ବର୍ଣ୍ଣନା କରି କହିଛନ୍ତି ।



ଏସୀୟ ଉନ୍ନୟନ ବ୍ୟାଙ୍କ ସହାୟତାରେ ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ଦ୍ୱାର କାର୍ଯ୍ୟକାରି ହୋଉଥିବା ସମନ୍ୱିତ ଜଳ ସେଚିତ କୃଷି ଓ ଜଳ ପରିଚାଳନା ପୁଞ୍ଜି ଲଗାଣ କାର୍ଯ୍ୟକ୍ରମ ଦ୍ୱାରା IRDMS ସଂସ୍ଥା ପାଣି ପଞ୍ଚାୟତର ସଶକ୍ତି କରଣ କାର୍ଯ୍ୟ ୨୦୧୧ ମସିହା ଡିସେମ୍ବର ମାସରେ ହାତକୁ ନେଲେ । ଏହା ପର ଠାରୁ IRDMS ସଂସ୍ଥାର କର୍ମୀମାନେ ପାଣି ପଞ୍ଚାୟତ ଅଞ୍ଚଳର ସମସ୍ତ ଗ୍ରାମ ଗୁଡ଼ିକରେ ପ୍ରାରମ୍ଭିକ ସଭା ଏବଂ ସଚେତନତା ସଭା କରାଇ ଲୋକ ମାନଙ୍କୁ ପାଣି ପଞ୍ଚାୟତ ସମ୍ପର୍କରେ ବୁଝାଇବା ସହିତ ସହଭାଗୀ ଜଳ ସେଚନ ପରିଚାଳନା ସମ୍ପର୍କରେ ବୁଝାଇଲେ । ଏହି ଆଧାରରେ ସେମାନେ ପାଣି ପଞ୍ଚାୟତ ମାଧ୍ୟମରେ ଗୋଷ୍ଠି ଗତ କର୍ଯ୍ୟ କୁ ଗୁରୁତ୍ୱ ପ୍ରଦାନ କରିଥିଲେ ।

ଗୋଷ୍ଠିଗତ କାର୍ଯ୍ୟ ଦ୍ୱାରା କମ ପରିଶ୍ରମ ଏବଂ ଅଳ୍ପ ଖର୍ଚ୍ଚରେ ଅଧିକ ଲୋକଙ୍କ ପାଇଁ କାର୍ଯ୍ୟ କରିହୁଏ । ଗୋଷ୍ଠିଗତ ଭାବେ କାର୍ଯ୍ୟକ୍ରମକୁ କ୍ରିୟାନ୍ୱୟନ କରିବା ପାଇଁ IRDMS ସଂସ୍ଥାର କର୍ମୀମାନେ ପ୍ରତ୍ୟେକ ସଭାରେ ଆଲୋଚନା କଲେ ଏବଂ ଏହାର କାର୍ଯ୍ୟ କରିବାର ପ୍ରକ୍ରିୟା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବୁଝାଇଲେ । ଉକ୍ତ ଗୋଷ୍ଠିଗତ କାର୍ଯ୍ୟକୁ ପାଣି ପଞ୍ଚାୟତରେ କାର୍ଯ୍ୟକାରି କାରିବା ପାଇଁ ଖରିଫ ଯୋଜନାର କେତେକ କାର୍ଯ୍ୟକୁ ଯଥା- ମାଟି ପରୀକ୍ଷା, ବିହନ କ୍ରୟ, ବିହନ ବିଶୋଧନ, ବିହନ ଗଜା ପରୀକ୍ଷା, ସାମୁହିକ ତଳିଘେରା



ପ୍ରସ୍ତୁତି ଏବଂ ଫସଲ ଅମଳପରେ ବଳକା ସସ୍ୟର ବିକ୍ରିବଟା ଇତ୍ୟାଦି କାର୍ଯ୍ୟକୁ ଗୋଷ୍ଠିଗତ ଭାବେ ସମ୍ପାଦନ କରାଗଲା । ୨୦୧୪ ଖରିଫ ଋତୁ ପାଇଁ ଯୋଜନା ଶେଷ ହେବା ପରେ ପାଣି ପଞ୍ଚାୟତରେ ପ୍ରତ୍ୟେକୁ ଚକକୁ ଏକ ୟୁନିଟ୍ ନିଆଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଗଲା । ଏହି କାର୍ଯ୍ୟପାଇଁ ପ୍ରଥମେ ଚାଷିମାନେ ଆଗ୍ରହ ପ୍ରକାଶ କରିନଥିଲେ । ସେଥିପାଇଁ ପ୍ରତ୍ୟେକ ଚକରୁ ଆଗ୍ରହୀ ଚାଷିମାନଙ୍କୁ ନେଇ ଗୋଟିଏ ଗୋଟିଏ ଦଳ କରାଗଲା । ପ୍ରତ୍ୟେକ ଦଳ କୁ ପରିଚାଳନା କରିବାପାଇଁ ସେମାଙ୍କ ମଧ୍ୟରୁ ଦୁଇ ତିନି ଜଣଙ୍କୁ ଦାଇତ୍ୱ ପ୍ରଦାନ କରାଗଲା ଏବଂ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଚାଷିମାନଙ୍କୁ ତାଲିକା କରିବା ସହିତ ସେମାନଙ୍କ ଆବଶ୍ୟକ ପରିମାଣକୁ ତାଲିକା କରାଯାଇ ତଦନୁସାରେ ଚାଷିମାନଙ୍କ ଠାରୁ ଟଙ୍କା ଆଦାୟ କରାଗଲା ଏବଂ ପରିଚାଳନା ଦାଇତ୍ୱରେ ଥିବା ସଭ୍ୟମାନଙ୍କୁ ଦିଆଗଲା । ସେମାନେ ତାଲିକା ମୁତାବକ ବିହନ ପ୍ରୟୋଗ କରି ଚାଷିମାନଙ୍କ ମଧ୍ୟରେ ତାଲିକା ମୁତାବକ ପ୍ରଦାନ କଲେ । ଏହି ପଦ୍ଧତି ଅବଲମ୍ବନ କରିବା ଦ୍ୱାରା ଅନ୍ୟ ଚାଷିମାନେ ସୁବିଧା ପାଇ ପାରିଲେ । ଠିକ ସେହିପରି ଗୋଟିଏ ସ୍ଥାନ ରେ ସମସ୍ତଙ୍କୁ ଏକାଠି କରି ବିହନ ବିଶୋଧନ ପ୍ରଣାଳୀକୁ ପ୍ରଦର୍ଶନ (Demo) ମାଧ୍ୟମରେ ଶିକ୍ଷା ଦେବାଦ୍ୱାରା ଅନ୍ୟ ଚାଷିମାନେ ଶିକ୍ଷା ଲାଭକରି ନିଜ ନିଜର ବିହନକୁ ବିଶୋଧିତ କରିପାରିଲେ । ଏହା ପରେ ପ୍ରତ୍ୟେକ ଚକରେ ୧୦ ରୁ ୧୫ ଜଣ ଚାଷି ଏକତ୍ର ହୋଇ ଗୋଟିଏ ଜମିରେ ଚଳିଘେରା ପ୍ରସ୍ତୁତ କରି ଧାନ ତଳି ପକାଇବାରୁ ସମସ୍ତ ଚାଷି ନିଜ ନିଜର ଜମି ପ୍ରସ୍ତୁତ କରିବାରେ ସୁବିଧା ହାସଲ କରିବା ସହିତ ଅଳ୍ପ ଜଳରେ ଅଧିକ ଜମିପାଇଁ ତଳୀ ସଂଗ୍ରହ କରିପାରିଲେ । ଏହା ପରେ ଚାଷପାଇଁ ଜଳର ଆବଶ୍ୟକତାକୁ ମୁଖ୍ୟ ଉପାଦାନ ମନେକରି ଚାଷିମାନେ ନିଜ ନିଜର ଚକରେ ଜଳ ସେଚନ ପାଇଁ ଯୋଜନା ପ୍ରସ୍ତୁତ କଲେ ଏବଂ ରୋଟେସନ୍ କରି ପ୍ରତ୍ୟେକ ଚକର ମୁଖ୍ୟମାନଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଜଳ ପରିଚାଳନା କରିବା ଦ୍ୱାରା ଚକର ସମସ୍ତ ଚାଷିମାନଙ୍କ ଜମିକୁ ସୁବିଧାରେ ଜଳ ସେଚନ କରାଯାଇ ପାରିଲା । ଚକ ଅନ୍ତର୍ଗତ ଚାଷିମାନେ ଆଲୋଚନା କରି ଧାନ ବିହନ ପ୍ରୟୋଗ କରିଥିବାରୁ ଏକ ପ୍ରକାର ଧାନ ଓ ଏକ ସମୟ ଅବଧିର ଧାନ ଚାଷ କରାଗଲା । ଏଥିଯୋଗୁ ଜଳ ପରିଚାଳନାରେ ସୁବିଧା ହୋଇ ପାରିବା ସହିତ ଏକ ସମୟରେ ସବୁ ଜମିରୁ ଫସଲ ଉଠାଇ ଦ୍ୱିତୀୟ ଫସଲ ପାଇଁ ସୁଯୋଗ ସୃଷ୍ଟି କରାଯାଇ ପାରିଲା । ପାଣି ପଞ୍ଚାୟତର ସଭାପତି, ସମ୍ପାଦକ ଏବଂ ଚାଷିମାଙ୍କର ମତାମତ ଅନୁଯାୟୀ ଏହି ସବୁ କାର୍ଯ୍ୟରେ ପ୍ରତ୍ୟେକ ପର୍ଯ୍ୟାୟରେ IRDMS ସଂସ୍ଥାର କର୍ମଚାରୀମାନେ ଚାଷିମାନଙ୍କ ସହିତ ରହି କାର୍ଯ୍ୟ ସମ୍ପାଦନକୁ ହାତଧରି ଶିଖାଇ ଥିବାରୁ ସଫଳତା ସମ୍ଭବ ହୋଇ ପାରିଲା । ଏହି ସଫଳତାକୁ ଲକ୍ଷକରି ଗତ ଖରିଫ ଋତୁ (୨୦୧୫) ରେ ପୂର୍ବ ବର୍ଷ ତୁଳନାରେ ଅଧିକ ଚାଷି ଉକ୍ତ ଗୋଷ୍ଠିଗତ କାର୍ଯ୍ୟରେ ସାମିଲ ହୋଇ କାର୍ଯ୍ୟକ୍ରମ ଗୁଡିକର ଫାଇଦା ନେଇଥିଲେ ।

**ଶ୍ରୀ ଶଶାଂଶୁ ଶେଖର ଦାସ**

ସମ୍ପାଦକ, ମହାବୀର ପାଣି ପଞ୍ଚାୟତ ନଂ- ୩୮

# ନାଳିଆପାଳ ପାଣି ପଞ୍ଚାୟତରେ ଜଣେ ଚାଷିଙ୍କର ସଫଳ କାହାଣୀ



ଜଗତ୍‌ସିଂହପୁର ଜିଲ୍ଲା ଅନ୍ତର୍ଗତ କୁଜଙ୍ଗ ବ୍ଲକର ବଣିକୁଦ ଗୋଟେ ଛୋଟିଆ ଗ୍ରାମ ଏହା ନାଳିଆପାଳ ପାଣି ପଞ୍ଚାୟତ ନଂ-୬୪ରେ ଅନ୍ତର୍ଭୁକ୍ତ । ଉକ୍ତ ପାଣି ପଞ୍ଚାୟତର ମୁଁ ଶ୍ରୀ ଧିରେନ୍ଦ୍ର ନାଥ ଚୌଧୁରୀ, ଗ୍ରାମ ବଣିକୁଦ ବିଗତ ୧୦ ବର୍ଷରୁ ଅଧିକ ହେବ ପୁରୁଣା ଢଙ୍ଗରେ ଚାଷ କରିଆସୁଥିଲି । IRDMS ର କର୍ମକର୍ତ୍ତା ଆମ ପାଣି ପଞ୍ଚାୟତର ଏକ ବୈଠକ ଡକାଇଥିଲେ । ସେ ସେଥିରେ ଧାଡିରୁଆ ବିଷୟରେ ଆଲୋଚନା କରିଥିଲେ । କିପରି ମାଟି  ପରୀକ୍ଷା ଓ ବିହନ ବିଶୋଧନ କରି ଚାଷକାର୍ଯ୍ୟରେ ଲାଭ ଉଠାଇ ପାରିବେ ଓ ନିଜର ଆଥିକ ଉନ୍ନତି କରିପାରିବେ, ସେ ବିଷୟରେ ଆଲୋଚନା କରିଥିଲେ ।

ମୁଁ ସେ ବୈଠକରୁ ଯାହା ଶୁଣି ଯାଇଥିଲି, ତାହାକୁ କାମରେ ଲଗେଇବି ବୋଲି ଭାବିଥିଲି । ମୁଁ ତାଙ୍କୁ ଆଉଥରେ ଧାଡି ରୁଆ ବିଷୟରେ ପଚାରିଥିଲି । ସେ ମୋତେ ବହୁତ ଭଲ ଭାବରେ ଧାଡିରୁଆ ପ୍ରଣାଳୀର ବିଭିନ୍ନ ପର୍ଯ୍ୟାୟ ଗୁଡିକ ବିଷୟରେ ବୁଝାଇଦେଇଥିଲେ । ମୋର ଆଗ୍ରହ ବଢିଗଲା, ମୁଁ ତାଙ୍କୁ ମାଟି ପରୀକ୍ଷା ଓ ବିହନ ପରୀକ୍ଷା କରିବା ପାଇଁ ଦେଇଥିଲି ।  ମାଟି ଓ ବିହନ ପରୀକ୍ଷାର ଫଳାଫଳ ଆସିବା ପରେ ହାଇବ୍ରିଡ ବିହନ RIL-030 ଆଣି ତଳି ପକାଇଥିଲି । ତଳିକୁ ରୋଗ ପୋକ କବଳରୁ ରକ୍ଷା କରିବା ପାଇଁ IRDMS ସଂସ୍ଥା ଦ୍ୱାରା ମିଳିଥିବା CARTAP HYDROCHLORIDE ମାଧ୍ୟମରେ ବିଶୋଧନ କରିଥିଲି । ତଳି ହେବାର ୧୫ଦିନ ମଧ୍ୟରେ ଜମିକୁ ଚାଷ କରିବା ବେଳେ IRDMS ସଂସ୍ଥା ଦେଇଥିବା ଜୈବସାର ଏବଂ ଅଣୁସାର (Zinc Sulphate, PSB & Azospirilium)କୁ କାଦୁଅରେ ବ୍ୟବହାର କରିଥିଲି । ତାହା ପରେ ତଳିକୁ ଧାଡିରେ ରୋଇଥିଲି । IRDMS ସଂସ୍ଥାର କର୍ମକର୍ତ୍ତା ମଝିରେ ମଝିରେ ଆସି ଦେଖି ଯାଉଥିଲେ । ଆଗରୁ ଅଣୁସାର ଓ ଜିବାଣୁ ସାର ବ୍ୟବହାର ସମ୍ପର୍କରେ ଆଦୌ ଜାଣିନଥିଲି । IRDMS ସଂସ୍ଥା ମାଧ୍ୟମରେ ମିଳୁଥିବା ଜୀବାଣୁ ସାରକୁ ବ୍ୟବହାର କରିବା ଦ୍ୱାରା ରୋଗ ପୋକ ଦାଉରୁ ରକ୍ଷା ହେବା ସଙ୍ଗେ ସଙ୍ଗେ ଭଲ ଅମଳ ମଧ୍ୟ ହୋଇ ଅଛି । ଆମ୍ଭମାନେ କିନ୍ତୁ ଏ ବର୍ଷ ଚାଷକାର୍ଯ୍ୟ ପୂର୍ବରୁ IRDMS କର୍ମକର୍ତ୍ତା ମାନଙ୍କର ସହାୟତାରେ ଆମ ପାଣି ପଞ୍ଚାୟତରେ ଏକ ଖରିଫ ଯୋଜନା ପ୍ରସ୍ତୁତ କରିଥିଲୁ ଓ ଏହି ଯୋଜନା ପାଇଁ ପ୍ରତ୍ୟେକ ସଭାରେ ମୁଁ ଯୋଗେଦଇ କାର୍ଯ୍ୟକ୍ରମ ଗୁଡିକୁ ବୁଝୁଥିଲି । ଆମ ପାଣିପଞ୍ଚାୟତରୁ  ୧୦ ଜଣ ଚାଷିଙ୍କର ମାଟି ପରୀକ୍ଷା କରିବା ପାଇଁ ସ୍ଥିର କରାଗଲା ଏବଂ ମୋ ଜମିରୁ ମୁଁ ଏକ ମାଟି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଦେଇଥିଲି । ମାଟି ପରୀକ୍ଷା ପରେ ମାଟିରେ ଥିବା ଅସୁବିଧା ଏବଂ ଆବଶ୍ୟକ ହେଉଥିବା ସାର ସମ୍ପର୍କରେ ମତେ ଜଣାଇ ଦିଆଗଲା ।



ମୁଁ ମୋ ଜମିରେ ଫଳାଫଳ ରିପୋଟ ଅନୁଯାୟୀ ଅନୁମୋଦିତ ସାର ପ୍ରଯୋଗ କରିବା ପାଇଁ ପ୍ରସ୍ତୁତ ହେଲି । ଏହା ପରେ ମୋ ଜମି ପାଇଁ ବିହନ ସଗ୍ରହକରି ସେଗୁଡିକୁ IRDMS ସଂସ୍ଥାର କର୍ମକର୍ତ୍ତାଙ୍କ ପରାମର୍ଶ ଅନୁଯାୟୀ ୧ କେଜି ଧାନରେ ୨ ଗ୍ରାମ କାର୍ବାନଣ୍ଡିଯିମ୍ ଗୋଳାଇ ବିଶୋଧନ କଲି । July ମାସ ପ୍ରଥମ ସପ୍ତାହରେ ମୋର ୫ ଏକର ଜମିପାଇଁ ଏକର ପିଛା ୨୦ କେଜି ହିସାବରେ ୧୦୦ କେଜି ଧାନ ଗଜାକରି ତଳି ପ୍ରସ୍ତୁତ କଲି ଏବଂ ତାହାକୁ ମୋର ଜମିରେ ଧାଡିରୁଆ ପ୍ରଣାଳୀରେ ରୋଇଲି । ଧାନକୁ ରୋଇବା ପୂର୍ବରୁ ଜମିକୁ ଭଲଭାବରେ ଚାଷକରି ଶେଷ ଓଡ ଚାଷରେ ମୂଳସାର ହିସାବରେ ଏକର ପ୍ରତି D.A.P. ୪୦ କି.ଗ୍ରା. ଓ ପଟାସ୍ ୨୫ କି.ଗ୍ରା. ଓ ୟୁରିଆ ୭ କି.ଗ୍ରା ଜମିରେ ପ୍ରୟୋଗ କଲି । ଏହାର ୧୫ ଦିନପରେ ପିଲସାର ହିସାବରେ ୟୁରିଆ ଏକର ପ୍ରତି ୩୫ କି.ଗ୍ରା. ପ୍ରୟୋଗ କଲି । ତାପରେ ଥୋଡ ସାର ଥୋଡ ଆସିବାର ୧୦ ଦିନ ପୂର୍ବରୁ ପ୍ରଯୋଗ କଲି । ଏହାକୁ ଏକର ପ୍ରତି ୟୁରିଆ ୧୮ କି.ଗ୍ରା. ଓ ପଟାସ୍ ସାର ୧୦ କି.ଗ୍ରା. ହିସାବରେ ପ୍ରୟୋଗ କଲି ।

ଧାନ ଥୋଡ ହେବା ପୂର୍ବରୁ ମୁଁ ଦେଖିଲି ଯେ ଜମିରେ ରୋଗ ପୋକ ଲାଗିଅଛି, ସେଥିପାଇଁ ୧ ଲିଟର ପାଣିରେ ୨ ମିଲି ମାତ୍ରାରେ ଏକରକୁ ୪୦୦ମିଲି ହିସାବରେ କ୍ଲୋରୋପାଇରିଫସ୍  ସ୍ପ୍ରେ କଲି । ଏହି ସମୟ ମଧ୍ୟରେ IRDMS ସଂସ୍ଥା ଦ୍ୱାରା ଆମ ପାଣି ପଞ୍ଚାୟତରେ ଏକ କୃଷକ କ୍ଷେତ୍ର ବିଦ୍ୟାଳୟ କାର୍ଯ୍ୟକ୍ରମ ଚାଲୁଥିଲା । ସେହି କ୍ଷେତ୍ର ବିଦ୍ୟାଳୟରେ ମୁଁ ଅଂଶଗ୍ରହଣ କରି ନୂତନ ଆଧୁନିକ ପ୍ରଣାଳୀର ଚାଷକାର୍ଯ୍ୟ ସମ୍ପର୍କରେ ଶିକ୍ଷା ପାଇଥିଲି । କୃଷକ କ୍ଷେତ୍ର ବିଦ୍ୟାଳୟରୁ ଶିକ୍ଷା କରିଥିବା ଜ୍ଞାନକୁ ମୁଁ ଚାଷକାର୍ଯ୍ୟରେ ଲଗାଇଥିବାରୁ ଅଧିକ ଉତ୍ପାଦନ କରିବା ପାଇଁ ସକ୍ଷମ ହେଲି । IRDMS ସଂସ୍ଥା ତରଫରୁ ଆମ ପାଣି ପଞ୍ଚାୟତକୁ ଧାଡିରୁଆ ଚାଷରେ ଉନ୍ନତି ଆଣିବା ପାଇଁ ୧୦୦ ଏକର ଜମି ପାଇଁ ଜୈବସାର, ଅଣୁସାର ଓ କୀଟନାଶକ ଔଷଧ ବଣ୍ଟନ କରାଯାଇଥିଲା । ଏହା ମଧ୍ୟରେ ମୋର ୫ ଏକର ଜମି ମଧ୍ୟରୁ ୧ ଏକର ପାଇଁ Carbendism 50 gm ଓ PSB- 2 kg, Zinc Sulphate- 4 kg & Azosprilium- 2 kg ପ୍ରଦାନ କରାଯାଇଥିଲା । ଉକ୍ତ ସାରକୁ ଗ୍ରହଣ କରି ମୁଁ ସଠିକ ପରିମାଣରେ ମୋ ଜମିରେ IRDMS ସଂସ୍ଥାର କର୍ମକର୍ତ୍ତାଙ୍କ

ପରାମର୍ଶରେ ପ୍ରୟୋଗ ଫଳରେ ପୂର୍ବ ବର୍ଷ ତୁଳନାରେ ମୋର ଏବର୍ଷ ୪୦ କୁଇଣ୍ଟାଲ ଧାନ ଅଧିକ ଅମଳ ହେଲା । ପୂର୍ବ ବର୍ଷ ମାନଙ୍କରେ ମୁଁ ମୋ ଜମିରୁ ଏକର ପ୍ରତି ୧୭ କୁଇଣ୍ଟାଲ ଧାନ ପାଉଥିବା ସ୍ଥଳେ ଏ ବର୍ଷ ଏକର ପ୍ରତି ୨୫ କୁଇଣ୍ଟାଲ ଧାନ ପାଇଅଛି ।



IRDMS ସଂସ୍ଥା ଦ୍ୱାରା ଆମ୍ଭ ପାଣି ପଞ୍ଚାୟତରୁ ୪ ଜଣ ଋଷିଙ୍କୁ କ୍ଷେତ୍ର ପରିଭ୍ରମଣ କାର୍ଯ୍ୟକ୍ରମରେ କଟକ ବିଦ୍ୟାଧରପୁର ଠାରେ ଅବସ୍ଥିତ କେନ୍ଦ୍ରିୟ ଧାନ ଗବେଷଣା କେନ୍ଦ୍ର, ବିହନ ପରିକ୍ଷାଗାର ଭୁବନେଶ୍ୱର ଓ କୃଷି ବୈଷୟୀକ ବିଶ୍ୱ ବିଦ୍ୟାଳୟ ଭୁବନେଶ୍ୱରକୁ କୃଷି ସମ୍ପକିତ କାର୍ଯ୍ୟକ୍ରମ ଦେଖିବା ପାଇଁ ଯାଇଥିଲୁ । ଏଥିରେ ମୁଁ ଧାନ ଗବେଷଣା ଅନୁଷ୍ଠାନରୁ ବିଭିନ୍ନ କିସମର ଧାନ ସମ୍ପକରେ ଜାଣିବାକୁ ପାଇଥିଲି ଏବଂ ଜମିର କିସମ ଅନୁଯାୟୀ ଢିପଜମି, ମଧ୍ୟମ ଜମି ଏବଂ ଖାଲ ଜମିରେ ଧାନଋଷ କରିବା ପ୍ରଣାଳୀ ସମ୍ପର୍କରେ ସେଠାରେ ଥିବା ବିଶେଷଜ୍ଞ ମାନଙ୍କ ଠାରୁ ପଋରି ବୁଝିପାରିଥିଲି ।

ଆମ୍ଭର ଏହି ଅଞ୍ଚଳକୁ ଲୁଣଅଞ୍ଚଳ ଭାବେ ପରିଗଣିତ କରାଯାଉଥିବାରୁ ଲୁଣା ଜମିରେ କିଭଳି ଧାନ ଫସଲର ଅମଳ ବୃଦ୍ଧି ହୋଇପାରିବ । ସେ ବିଷୟରେ ପଋରି ବୁଝିଲିଯେ, ଲୁଣି ଅଞ୍ଚଳ ପାଇଁ କେତେକ ଲୁଣି ସହଣୀ ଧାନ କିସମ ଯଥା- ପଙ୍କଯ, ଏସ୍. ଆର. ୨୬ ବି., ଲୁଣିଶ୍ରୀ, ପାଟଣୀ ୨୩ ପ୍ରଭୃତି ଧାନଋଷ କରାଗଲେ ଅଧିକ ଅମଳ କରାଯାଇ ପାରିବ । ଏଥି ପାଇଁ ମୁଁ ଏବର୍ଷ କୃଷି ବିଭାଗ ଠାରୁ ଉକ୍ତ କିସମର ଧାନକୁ ସଂଗ୍ରହ କରି ମୋର ୨ ଏକର ଲୁଣିଜମିରେ ଋଷ କରିବା ପାଇଁ ନିଷ୍ପତି ନେଇଛି ।

ଭୁବନେଶ୍ୱର ବିହନ ପରୀକ୍ଷଣ କେନ୍ଦ୍ର ପରିଦର୍ଶନ କରି ମୁଁ ବିହନ ବିଶୋଧନ ପଦ୍ଧତି ସମ୍ପର୍କରେ ଜାଣିବା ସହିତ ବିହନରେ ଥିବା ବିଭିନ୍ନ ପ୍ରକାର ରୋଗ ପୋକ ସମ୍ପର୍କରେ ଜାଣିବା ପାଇଁ ସକ୍ଷମ ହେଲି । ଏହାପରେ କୃଷି ବିଶ୍ୱ ବିଦ୍ୟାଳୟ ଭୁବନେଶ୍ୱର ଠାରେ ଅବସ୍ଥିତ ସମନ୍ବିତ କୃଷିକ୍ଷେତ୍ର ପ୍ରଦର୍ଶନ କରି, ଏକ ସ୍ଥାନରେ ବିଭିନ୍ନ ପ୍ରକାର କୃଷି ଭିତ୍ତିକ କାର୍ଯ୍ୟ ଯଥା ଧାନ ଋଷ, ଫଳ ଋଷ, ମାଛ ଋଷ, କୁକୁଡା ଋଷ, ବତକ ଋଷ, ଛତୁ ଋଷ ଏବଂ ଗୋ ପାଳନ ଇତ୍ୟାଦି ବିଷୟରେ ଜାଣିପାରିଥିଲି ।

IRDMS ସସ୍ଥାର ବହୁମୁଖୀ କାର୍ଯ୍ୟକ୍ରମ ଦ୍ୱାରା ଆମ୍ଭ ପାଣି ପଞ୍ଚାୟତର କୃଷିକାର୍ଯ୍ୟରେ ଉନ୍ନତି ହେବା ସହିତ ମୁଁ କୃଷିକାର୍ଯ୍ୟ ସମ୍ପର୍କରେ ଅଧିକ ତଥା ନୂତନ ଜ୍ଞାନ ଆହାରଣ କରିପାରିଛି । ମୁଁ ସେଥିପାଇଁ IRDMS ସଂସ୍ଥାର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେଉଛି । ମୁ ଜଣେ ଚାଷୀ ହେବା ସହିତ ଏହି ନାଳିଆପାଳ ପାଣି ପଞ୍ଚାୟତର ସଂପାଦକ ଅଟେ। ତେଣୁ ଜଣେ ପାଣି ପଞ୍ଚାୟତ ସଂପାଦକ ହିସାବରେ କଥା ଦେଉଅଛି ଜେ ମୋ ପାଣି ପଞ୍ଚାୟତରେ ଏହି ଉନ୍ନତ ଚାଷ ପ୍ରଣାଳୀରେ କିପରି ଅଧିକରୁ ଅଧିକ ଚାଷୀ ଚାଷ କରି ତାଙ୍କ ଜୀବନ ଜୀବିକାରେ ଉନ୍ନତି ଆଣି ପାରିବେ ସେ ଦିଗରେ ସଦା ଚେଷ୍ଟିତ ରହିବି।

Dhirendra nath Choudhury

**ଶ୍ରୀଯୁକ୍ତ ଧିରେନ୍ଦ୍ର ନାଥ ଚୌଧୁରୀ**

ଗ୍ରାମ- ବଣିକୁଦ



# ନୀଳମାଧବ ପାଣି ପଞ୍ଚାୟତର ଜଣେ ସଫଳ ଚାଷୀଙ୍କର କାହାଣୀ



ନୀଳମାଧବ ପାଣି ପଞ୍ଚାୟତ ନଂ – ୩୪ ଅନ୍ତର୍ଗତ ଗଙ୍ଗାଧରପୁର ଗ୍ରାମର ଜଣେ ଚାଷୀ ହେଉଛନ୍ତି ଶ୍ରୀଯୁକ୍ତ ଅରୁଣ ପ୍ରସାଦ ସ୍ୱାଇଁ, ସେ ଚାଷରେ କିଭଳି ସଫଳତା ପାଇପାରିଛନ୍ତି ଏବଂ କାହା ମାଧ୍ୟମରେ ଏହି ସଫଳତା ତାଙ୍କୁ ମିଳିପାରିଛି, ସେ ତାହା ପରିପ୍ରକାଶ କରିଛନ୍ତି ।

ମୋର ନାମ ଅରୁଣ ପ୍ରସାଦ ସ୍ୱାଇଁ, ଗ୍ରାମ- କୃଷ୍ଣଚନ୍ଦ୍ରପୁର ବ୍ଲକ- ଏରସମା, ଜି.- ଜଗତସିଂହପୁର । ମୋର ନିଜସ୍ୱ ୬ ଏକର ଜମି ଚାଷକରି ମୋର କୁଟୁମ୍ବ ପ୍ରତି ପୋଷଣ କରେ । ମୁଁ ବର୍ଷକୁ ଦୁଇ ପ୍ରକାର ଫସଲ କରିଥାଏ, ଯଥା- ଧାନ ଏବଂ ମୁଗ, ଏହି ଫସଲକୁ ମୁଁ ପୁରୁଣା ପ୍ରଣାଳୀରେ ଚାଷ କରିଥାଏ । ତେଣୁ ସେଥିରୁ ଅମଳ କମ୍ ପରିମାଣରେ ପାଇଥାଏ । ଧାନ ଚାଷକୁ ମୁଁ ଆମ ଅଞ୍ଚଳରେ ଚିରାଚରିତ ପ୍ରଥାରେ ଚାଲିଥିବା ବଣୁଆ ରୁଆ କରିଥାଏ । ସେଥିରେ କେଉଁ ସମୟରେ କ'ଣ ସବୁ ଆବଶ୍ୟକ ତାହା ଜାଣିନଥାଏ । ଯଥା- ଠିକ୍ ସମୟରେ ସାର, ଔଷଧ ଇତ୍ୟାଦି କିପରି ପ୍ରୟୋଗ କରିବି, ରୋଗ ପୋକ କିପରି ନିୟନ୍ତ୍ରଣ କରିବି ଏବଂ କେଉଁ ଔଷଧ ପ୍ରୟୋଗ କରିବି ସେ ସବୁ କଥା ଜାଣି ନଥିବାରୁ ମୋର ଧାନ ଚାଷ ଅଧିକ ପରିମାଣରେ ଅମଳ କରିପାରେ ନାହିଁ । ଯାହା ଫଳରେ ମୁଁ ଲାଭବାନ ହୋଇପାରେ ନାହିଁ ।



ଠିକ୍ ସେହି ସମୟରେ ଆମ ଅଞ୍ଚଳରେ ୨୦୧୪ ମସିହାରେ ପାଣି ପଞ୍ଚାୟତ ଗଠନ କରାଗଲା । ଓଡିଶା ସରକାରଙ୍କର ସମନ୍ୱିତ ଜଳ ସେଚିତ କୃଷି ଓ ଜଳ ପରିଚାଳନା ପୁଞ୍ଜିଲଗାଣ କାର୍ଯ୍ୟକ୍ରମ ଦ୍ୱାରା IRDMS ସଂସ୍ଥା ଆମ ପାଣି ପଞ୍ଚାୟତରେ ଉନ୍ନତି ମୂଳକ କାର୍ଯ୍ୟକ୍ରମ ଆରମ୍ଭ କଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଥମେ IRDMS ସଂସ୍ଥାର କର୍ମକର୍ତ୍ତାମାନେ ଗ୍ରାମ ଗ୍ରାମ ବୁଲି ଚାଷିମାନଙ୍କୁ ଏକତ୍ରିତ କରାଇଲେ ଏବଂ IRDMS ସଂସ୍ଥା ର ତତ୍ତ୍ୱାବଧାନରେ ଚାଷୀ ଭାଇମାନଙ୍କୁ ନେଇ ଏକ କୃଷକ କ୍ଷେତ୍ର ବିଦ୍ୟାଳୟ ଗଠନ କରାଗଲା । ଏହି ବିଦ୍ୟାଳୟରେ ଚାଷୀ ଭାଇମାନଙ୍କୁ ନୂତନ ପ୍ରଣାଳୀରେ ବା ନୂତନ ଜ୍ଞାନ କୌଶଳରେ କିପରି ଚାଷ କରିବେ ସେ ବିଷୟରେ ଅବଗତ କରାଗଲା । ବିଶେଷ ଭାବରେ କିପରି ଧାଡି ରୁଆ ପ୍ରଣାଳୀରେ ଧାନ ଚାଷ କରିବେ ସେ ବିଷୟରେ ଚାଷୀମାନଙ୍କୁ ଅବଗତ କରାଗଲା । ଚାଷି କିପରି ମାଟି ପରୀକ୍ଷା ଓ ବିହନ ବିଶୋଧନ କରି ନିଜର ଲାଭ ଉଠାଇ ପାରିବ, ନିଜର ଆର୍ଥିକ ଉନ୍ନତି କରିପାରିବ, ସେ ବିଷୟରେ ଆଲୋଚନା କରିଥିଲେ । ମୁଁ ସେ ବୈଠକରେ ଯୋଗଦେଇଥିଲି ଏବଂ ସେମାନଙ୍କର କଥାଶୁଣି ମୋ ମନରେ ନୂତନ ଆଶା ସଞ୍ଚାର ହୋଇଥିଲା । ତାହାକୁ କାମରେ ଲଗାଇବା ପାଇଁ ମନସ୍ଥ କଲି । ଏହି ବିଷୟରେ ପୁଙ୍ଖାନୁପୁଙ୍ଖ ଜାଣିବା ପାଇଁ IRDMS ସଂସ୍ଥାର କର୍ମକର୍ତ୍ତାଙ୍କୁ ଧାଡିରୁଆ ବିଷୟରେ ପଚାରି ବୁଝିଲି ।

ପ୍ରଥମେ ମୁଁ IRDMS ସଂସ୍ଥା ମାଧ୍ୟମରେ ମୋର ମୃତ୍ତିକା ପରୀକ୍ଷା ପାଇଁ ପଠାଇଲି । ତା ପରେ ମୋର ୪୦୦ ଗ୍ରାମର ବିହନ ପରୀକ୍ଷା କରିବାକୁ ଦେଲି । ୧୫ ଦିନ ପରେ ଏହି ସବୁ ରିପୋର୍ଟ ଆସିବା ପରେ ମୋର ଜମିରେ କେଉଁ ସବୁ ଜିନିଷ ଦରକାର ଓ ମୋର ବିହନ ଉପଯୁକ୍ତ କି ନାହିଁ, ତାହା ରିପୋର୍ଟ ରୁ ଜାଣିବା ପରେ ଏହାକୁ କାର୍ଯ୍ୟରେ ଲଗାଇଲି । ତା ପରେ ଉପଯୁକ୍ତ ପ୍ରଣାଳୀରେ ଜମି ପ୍ରସ୍ତୁତ କରାଇଲି IRDMS ସଂସ୍ଥା ତରଫରୁ ଦିଆଯାଇଥିବା ଔଷଧ ସାହାଯ୍ୟରେ ମୋର ବିହନକୁ ବିଶୋଧନ କଲି । ତା ପରେ ତଳିଘେରା ପ୍ରସ୍ତୁତ କରି, ସେଥିରେ ଧାନ ତଳି ପକାଇଲି । ତଳିକୁ ବିଶୋଧନ କରିବା ପାଇଁ ତଳି ଘେରାରେ CARTAP HYDROCHLORIDE ନାମକ ତଳି ବିଶୋଧକ ଔଷଧ ୭ ଦିନ ପୂର୍ବରୁ ପକାଇ, ସେହି ତଳିକୁ ନେଇ ମୁଖ୍ୟ ଜମିରେ ରୋଇଥିଲି । ଧାନ ରୋଇବା ବେଳେ ଜମିକୁ ଭଲଭାବରେ ପ୍ରସ୍ତୁତ କରି ଧାଡି କୁ ଧାଡି ୮ ଇଞ୍ଚ ଏବଂ ଗଛକୁ ଗଛ ୬ ଇଞ୍ଚ ବ୍ୟବଧାନ ରଖିଥିଲି ।

ତା ପରେ ଜମିରେ କିପରି ଭାବରେ ସାର ପ୍ରୟୋଗ କରିବା ବା କେଉଁ ସମୟରେ ସାର ପ୍ରୟୋଗ କରିବି ସେ କଥା IRDMS ସଂସ୍ଥା ର କୃଷି ବିଶେଷଜ୍ଞଙ୍କର ପରାମର୍ଶ ଗ୍ରହଣ କଲି, ସେମାନେ ରାସାୟନିକ ସାର ପରିବର୍ତ୍ତେ ଜୈବିକ ସାର ବା ଅଣୁସାର ପୟୋଗ କରିବାକୁ କହିଲେ । ଏହି ସାର ପ୍ରୟୋଗ ତିନି ଥରରେ କରିବାକୁ କହିଲେ, ପ୍ରଥମେ ମୂଳସାର କାଦୁଅ ସମୟରେ ଶେଷ ଓଡ ଚାଷରେ ପ୍ରୟୋଗ କରି ରୁଆଯିବ, ରୋଇବାର ୧୮



ଦିନ ପରେ ପିଲ ସାର ପ୍ରୟୋଗ କରାଯିବ, ଶେଷସାର ଥୋଡ ଆସିବାର ୧୫ ଦିନ ପୂର୍ବର ପ୍ରୟୋଗ କରିବାକୁ କହିଲେ ଏବଂ ଏହିସାର ମଧ୍ୟ IRDMS ସଂସ୍ଥାରୁ ମୋତେ ମାଗଣାରେ ଯୋଗାଇଦେଲେ । IRDMS ସଂସ୍ଥାର କୃଷି ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ମୁଁ ମୋର ଜମିରେ ସାର ପ୍ରୟୋଗ କଲି ।

ତା ପରେ କୃଷକ କ୍ଷେତ୍ର ବିଦ୍ୟାଳୟର ଶେଷ କାର୍ଯ୍ୟକ୍ରମ ଶସ୍ୟକାଟ କାର୍ଯ୍ୟକ୍ରମ କରାଗଲା । ଏହି କାର୍ଯ୍ୟକ୍ରମରେ ମୋ ଜମିରୁ ୫ ମି.ରେ ୫ ମି. ଅଂଶକୁ ଶସ୍ୟକାଟ କରି ଦେଖାଗଲା ଯେ ୧୭.୫ କି.ଗ୍ରା. ଧାନ ହୋଇଛି । ଏଥିରେ ମୁଁ ଜାଣିବାକୁ ପାଇଲି ଯେ ଆଗ ଅପେକ୍ଷା ଅଧିକ ଅମଳ ହୋଇଅଛି । ଆଗରୁ ମୁଁ ଏକର ପିଛା ୨୧ କ୍ୱିଣ୍ଟାଲ ହିସାବରେ ଧାନ ପାଇଥିଲି କିନ୍ତୁ ଧାଡି ରୁଆ କରିବା ଫଳରେ ବା IRDMS ସଂସ୍ଥାର କୃଷି ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ କାର୍ଯ୍ୟକରିବା ଫଳରେ ଏ ବର୍ଷ ମୁଁ ଏକର ପ୍ରତି ୨୮ କ୍ୱିଣ୍ଟାଲ ଧାନ ପାଇ ଅଧିକ ଅର୍ଥ ଉପାର୍ଜନ କରିପାରି ଅଛି ।

ଧାନ ପରେ ମୁଁ ମୋର ଜମିରେ ମୁଗ ଚାଷ କରେ, କିନ୍ତୁ ଜଳ ସେଚନ ସୁବିଧା ନଥିବାରୁ ମୁଁ ମୋର ସମସ୍ତ ୬ ଏକର ଜମିରେ ମୁଗ ଚାଷ ନକରି ୩ ଏକର ଜମିରେ ଚାଷ କରେ । ଅଳ୍ପ ଜମିରେ ମୁଗ ଚାଷ କରୁ ଥିବାରୁ ସେଥିରୁ ଲାଭ ପାଇପାରେ ନାହିଁ । ଏ ବର୍ଷ ମୁଁ IRDMS ସଂସ୍ଥାର କୃଷି ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ମୁଗକୁ ବିଶୋଧନ କରି ତାର ସାତ ଦିନ ପରେ ସେଥିରେ, ରାଇଜୋବିଅମ କଲଚର ଓ ପି.ଏସ୍.ବି.ରେ ଉପଚାର କରି ତାକୁ ଜମିରେ ବୁଣିଅଛି । ଏହି ସବୁ ନୂତନ ପ୍ରଣାଳୀରେ ମୁଗ ଚାଷ କରିବା ଫଳରେ ମୋର ଏ ବର୍ଷ ଭଲ ମୁଗ ଫସଲ ହୋଇ ପାରିବା ନେଇ ମୁଁ ଆଶା କରୁଛି । ମୋର ନିଶ୍ଚିତ ଅଧିକ ଅମଳ ହେବ, ଯାହା ଦ୍ୱାରା ମୋ ଜୀବନଧାରଣ ମାନଦଣ୍ଡ ସୁଦୃଢ ହୋଇ ପାରିବ । ତେଣୁ ଏହି ସବୁ ମୋର ସଫଳତା ପାଇଁ ମୁଁ ପାଣି ପଞ୍ଚାୟତ କର୍ମକର୍ତ୍ତା ଓ ଆଇ. ଆର. ଡି. ଏମ୍. ଏସ୍. ସଂସ୍ଥାକୁ ଧନ୍ୟବାଦ ଜଣାଉଅଛି ।

**ଅରୁଣ ପ୍ରସାଦ ସ୍ୱାଇଁ**

ଗ୍ରାମ- କୃଷ୍ଣଚନ୍ଦ୍ରପୁର



# ପଙ୍କପାଳ ପାଣି ପଞ୍ଚାୟତ ତାଳଦଣ୍ଡା ଗ୍ରାମର ଜଣେ ଚାଷୀଙ୍କର ସଫଳ କାହାଣୀ



ତାଳଦଣ୍ଡା ଗ୍ରାମର ଶ୍ରୀଯୁକ୍ତ ସାନନ୍ଦ ଚନ୍ଦ୍ର ସାହୁ ଜଣେ କ୍ଷୁଦ୍ରଚାଷୀ । ସେ ୩ ଏକର ଜମି ଚାଷ କରନ୍ତି । ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ୍ୟ ସେ ଉକ୍ତ ଜମିରେ ଚାଷ କରିଥିଲେ । ତାଙ୍କ ସହିତ ସାକ୍ଷାତ କରି ଏ ବର୍ଷର ଚାଷ କାର୍ଯ୍ୟରେ ପାଇଥିବା ସଫଳତା ଓ ବିଫଳତା ସମ୍ପର୍କରେ ପଚାରି ବୁଝିବାରୁ, ତାଙ୍କ ଉତ୍ତରରେ ସେ କହିଥିଲେ ଯେ ପୂର୍ବ ବର୍ଷ ଏକର ପିଛା ହାରାହାରି ୨୦ କୁଇଣ୍ଟାଲ ହିସାବରେ ୬୦ ବସ୍ତା ଧାନ ପାଇଥିଲେ । କିନ୍ତୁ ଏ ବର୍ଷ ସେ ୨୭ କୁଇଣ୍ଟାଲ ହିସାବରେ ୮୧ ବସ୍ତା ଧାନ ଅମଳ କରିଛନ୍ତି । ଏହାର କାରଣ କ'ଣ ପଚାରିବାରେ ସେ କହିଥିଲେ ଯେ ପୂର୍ବ ବର୍ଷ ମାନଙ୍କରେ ସେ ତାଙ୍କ ଜମିରେ କେବଳ ୟୁରିଆ ଏବଂ ଡି.ଏ.ପି. ସାର ପ୍ରୟୋଗ କରୁଥିଲେ ଏବଂ ତାହା ସଠିକ ପରିମାଣରେ ଓ ଉପଯୁକ୍ତ ସମୟରେ ପକାଉନଥିଲେ । ସେ ଯେତେବେଳେ ଯାହା ପାଉଥିଲେ ତାହା ପକାଉଥିଲେ ଯାହା ଫଳରେ କି ଆବଶ୍ୟକତା ଅନୁଯାୟୀ ମାଟିରେ ସାରର ଅଭାବ ରହୁଥିଲା ଏବଂ କିଛି ସାର ବ୍ୟବହାର ହୋଇ ନ ପାରି ମାଟିକୁ କଠିନ କରିଦେଉଥିଲା ।



କିନ୍ତୁ ଏ ବର୍ଷ ଚାଷକାର୍ଯ୍ୟ ପୂର୍ବରୁ IRDMS କର୍ମକର୍ତ୍ତା ମାନଙ୍କର ସହାୟତାରେ ଆମ ପାଣି ପଞ୍ଚାୟତରେ ଏକ ଖରିଫ ଯୋଜନା ପ୍ରସ୍ତୁତ କରାଯାଇଥିଲା ଓ ଏହି ଯୋଜନା ପାଇଁ ପ୍ରତ୍ୟେକ ସଭାରେ ମୁଁ ଯୋଗେଦଇ କାର୍ଯ୍ୟକ୍ରମ ଗୁଡିକୁ ବୁଝୁଥିଲି, ଆମ ପାଣି ପଞ୍ଚାୟତରୁ ୧୦୦ ଜଣ ଚାଷିଙ୍କର ମାଟି ପରୀକ୍ଷା କରିବା ପାଇଁ ସ୍ଥିର କରାଗଲା ଏବଂ ମୋ ଜମିରୁ ମୁଁ ଏକ ମାଟି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଦେଇଥିଲି । ମାଟି ପରୀକ୍ଷା ପରେ ମାଟିରେ ଥିବା ଅସୁବିଧା ଏବଂ ଆବଶ୍ୟକ ହେଉଥିବା ସାର ସମ୍ପର୍କରେ ମତେ ଜଣାଇ ଦିଆଗଲା । ମୁଁ ମୋ ଜମିରେ ଫଳାଫଳ ରିପୋର୍ଟ ଅନୁଯାୟୀ ଅନୁମୋଦିତ ସାର ପ୍ରୟୋଗ କରିବା ପାଇଁ ପ୍ରସ୍ତୁତ ହେଲି । ଏହା ପରେ ମୋ ଜମି ପାଇଁ ବିହନ ସଂଗ୍ରହକରି ସେଗୁଡିକୁ IRDMS ସଂସ୍ଥାର କର୍ମକର୍ତ୍ତାଙ୍କ ପରାମର୍ଶ ଅନୁଯାୟୀ ଏକ କେଜି ଧାନରେ ଦୁଇ ଗ୍ରାମ କାର୍ବାନଡିଜିମ ଗୋଳାଇ ବିଶୋଧନ କଲି । July ମାସ ପ୍ରଥମ ସପ୍ତାହରେ ମୋର ୩ ଏକର ଜମିପାଇଁ ଏକର ପିଛା ୨୦ କେଜି ହିସାବରେ ୬୦ କେଜି ଧାନ ଗଜାକରି ତଳି ପ୍ରସ୍ତୁତ କଲି ଏବଂ ତାହାକୁ ମୋର ଜମିରେ ଧାଡିରୁଆ ପ୍ରଣାଳୀରେ ରୋଇଲି । ଧାନକୁ ରୋଇବା ପୂର୍ବରୁ ଜମିକୁ ଭଲଭାବରେ ଚାଷକରି ଶେଷ ଓଡ ଚାଷରେ ମୂଳସାର ହିସାବରେ ଏକର ପ୍ରତି D.A.P. ୪୦ କି.ଗ୍ରା. ଓ ପଟାସ୍ ୨୫ କି.ଗ୍ରା. ଓ ୟୁରିଆ ୭ କି.ଗ୍ରା ଜମିରେ ପ୍ରୟୋଗ କଲି । ଏହାର ୨୧ ଦିନପରେ ପିଲସାର ହିସାବରେ ୟୁରିଆ ଏକର ପ୍ରତି ୩୫ କି.ଗ୍ରା. ପ୍ରୟୋଗ କଲି । ତାପରେ ଥୋଡ ସାର ଥୋଡ ଆସିବାର ୧୫ ଦିନ ପୂର୍ବରୁ ପ୍ରୟୋଗ କଲି । ଏହାକୁ ଏକର ପ୍ରତି ୟୁରିଆ ୧୮ କି.ଗ୍ରା. ଓ ପଟାସ୍ ସାର ୧୦ କି.ଗ୍ରା. ହିସାବରେ ପ୍ରୟୋଗ କଲି ।



ଧାନ ଥୋଡ ହେବା ପୂର୍ବରୁ ମୁଁ ଦେଖିଲି ଯେ ଜମିରେ ରୋଗ ପୋକ ଲାଗିଅଛି, ସେଥିପାଇଁ ମୁଁ IRDMS ସଂସ୍ଥା ଦ୍ୱାରା ମିଳିଥିବା କ୍ଲୋରୋପାଇରିଫସ୍ କୁ ଏକ ଲିଟର ପାଣିରେ ଦୁଇ ମିଲି ମାତ୍ରାରେ ଏକରକୁ ୪୦୦ ମିଲି ହିସାବରେ ସ୍ପ୍ରେ କଲି । ଏହି ସମୟ ମଧ୍ୟରେ IRDMS ସଂସ୍ଥା ଦ୍ୱାରା ଆମ ପାଣି ପଞ୍ଚାୟତରେ ଏକ କୃଷକ କ୍ଷେତ୍ର ବିଦ୍ୟାଳୟ କାର୍ଯ୍ୟକ୍ରମ ଚାଲୁଥିଲା । ସେହି କ୍ଷେତ୍ର ବିଦ୍ୟାଳୟରେ ମୁଁ ଅଂଶଗ୍ରହଣ କରି ନୂତନ ଆଧୁନିକ ପ୍ରଣାଳୀର ଚାଷକାର୍ଯ୍ୟ ସମ୍ପର୍କରେ ଶିକ୍ଷା ପାଇଥିଲି । କୃଷକ କ୍ଷେତ୍ର ବିଦ୍ୟାଳୟରୁ ଶିକ୍ଷା କରିଥିବା ଜ୍ଞାନକୁ ମୁଁ ଚାଷକାର୍ଯ୍ୟରେ ଲଗାଇଥିବାରୁ ଅଧିକ ଉତ୍ପାଦନ କରିବା ପାଇଁ ସକ୍ଷମ ହେଲି । IRDMS ସଂସ୍ଥା ତରଫରୁ ଆମ ପଣି ପଞ୍ଚାୟତକୁ ଧାଡିରୁଆ ଚାଷରେ ଉନ୍ନତି ଆଣିବା ପାଇଁ ୧୭୫ ଏକର ଜମି ପାଇଁ ଜୈବସାର, ଅଣୁସାର ଓ କୀଟନାଶକ ଔଷଧ ବଣ୍ଟନ କରାଯାଇଥିଲା । ଏହା ମଧ୍ୟରେ ମୋର ୩ ଏକର ଜମି ମଧ୍ୟରୁ ୧ ଏକର ପାଇଁ Carbendazim 50 gm ଓ PSB- 2 kg, Zinc Sulphate- 4 kg & Azospirilium- 2 kg ପ୍ରଦାନ କରାଯାଇଥିଲା । ଉକ୍ତ ସାରକୁ ଗ୍ରହଣ କରି ମୁଁ ସଠିକ ପରିମାଣରେ ମୋ ଜମିରେ IRDMS କର୍ମକର୍ତ୍ତାଙ୍କ ପରାମାର୍ଶରେ ପ୍ରୟୋଗ ଫଳରେ ପୂର୍ବ ବର୍ଷ ତୁଳନାରେ ମୋର ଏବର୍ଷ ୨୧ କୁଇଣ୍ଟାଲ ଧାନ ଅଧିକ ଅମଳ ହେଲା । ସେଥିପାଇଁ ମୁଁ IRDMS ସଂସ୍ଥାକୁ ଧନ୍ୟବାଦ ଜଣାଉଛି । ମୁଁ ପ୍ରତିଶ୍ରୁତି ଦେଉଅଛି କି ଆଗାମୀ ଦିନରେ ମୁଁ ଏହି ପଦ୍ଧତି ଅବଲମ୍ବନକରି ଅଧିକ ଫସଲ ଉତ୍ପାଦନ କରିବି ।

Sananda Ch Sahoo

**ଶ୍ରୀଯୁକ୍ତ ସାନନ୍ଦ ଚନ୍ଦ୍ର ସାହୁ,** ଗ୍ରାମ- ତାଳଦଣ୍ଡା

# ସାନିଲୋ ପାଣି ପଞ୍ଚାୟତର ଜଣେ ଚାଷୀଙ୍କର ସଫଳ କାହାଣୀ

ସାନିଲୋ ପାଣି ପଞ୍ଚାୟତ ନଂ -୫୫ ଅନ୍ତର୍ଗତ ତଅଁରା ଗ୍ରାମର ସୁକାନ୍ତ କୁମାର ଖୁଣ୍ଟିଆ ହେଉଛନ୍ତି ଜଣେ ଚାଷୀ । ସେ କିପରି ଚାଷରେ ସଫଳତା ପାଇପାରିଛନ୍ତି ଓ କାହା ମାଧ୍ୟମରେ ସେ ସଫଳ ହୋଇପାରିଛନ୍ତି ତାହା ପରିପ୍ରକାଶ କରିଛନ୍ତି ।



ମୋର ନାମ ସୁକାନ୍ତ କୁମାର ଖୁଣ୍ଟିଆ ମୋର ୩ ଏକର ନିଜସ୍ୱ ଜମି ଚାଷ କରେ ସେଥିରେ ମୁଁ ବର୍ଷକୁ ଦୁଇ ପ୍ରକାର ଫସଲ ଚାଷ କରିଥାଏ । ଯଥା- ଧାନ ଏବଂ ମୁଗ, ଏହି ଦୁଇ ପ୍ରକାର ଫଂସଲ ଚାଷକୁ ପୁରୁଣା ପଦ୍ଧତିରେ ଚାଷ କରିଥାଏ । ତେଣୁ ସେଥିରୁ ଅମଳ କମ ପରିମାଣରେ ପାଇଥାଏ । ଧାନ ଚାଷକୁ ମୁଁ ପାଖ ପଡୋଶୀ ଚାଷୀମାନଙ୍କ ଅନୁକରଣରେ କରିଥାଏ ଓ ସେଥିରେ କେଉଁ ସମୟରେ କ'ଣ ସବୁ ଆବଶ୍ୟକ ତାହା ଜାଣି ନଥିବାରୁ ଠିକ ସମୟରେ ସାର ଔଷଧ ଇତ୍ୟାଦି କିପରି ପ୍ରୟୋଗ କରିବି ବା କେଉଁ ସମୟରେ ସାର ପ୍ରୟୋଗ କରିବି ଏବଂ ରୋଗ ପୋକ କିପରି ନିୟନ୍ତ୍ରଣ କରିବା ସହିତ ରୋଗ ପୋକ ନିୟନ୍ତ୍ରଣ ବର୍ହିଃଭୁତ ହେଲେ କେଉଁ ଔଷଧ ପ୍ରୟୋଗ କରିବ, ସେ ସବୁ କଥା ଜାଣି ନଥିବାରୁ ମୋର ଧାନ ଚାଷରୁ ଅଧିକ ପରିମାଣରେ ଅମଳ ହୋଇପାରେ ନାହିଁ । ଯାହା ଫଳରେ ମୁଁ ଲାଭବାନ ହୋଇପାରେ ନାହିଁ ।



ଠିକ ସେହି ସମୟରେ ଆମ ଅଞ୍ଚଳରେ ୨୦୧୪ ମସିହାରେ ପାଣି ପଞ୍ଚାୟତ ଗଠନ କରାଗଲା IRDMS ର କର୍ମକର୍ତ୍ତାମାନେ କୃଷକ କ୍ଷେତ୍ର ବିଦ୍ୟାଳୟ ଯୋଜନା ସଂପର୍କରେ ଆମ୍ଭମାନଙ୍କୁ ବୁଝାଇଲେ ଏବଂ ଏହା ମାଧ୍ୟମରେ ଚାଷିଭାଇ ମାନଙ୍କୁ ନେଇ ଏକ କୃଷକ କ୍ଷେତ୍ର ବିଦ୍ୟାଳୟ ଗଠନ କରାଗଲା । ଏଥିରେ ଆମ୍ଭେ ତିରିଶି ଜଣ ଚାଷୀ ଅଂଶଗ୍ରହଣ କରିଥିଲୁ । ଏହି କ୍ଷେତ୍ର ବିଦ୍ୟାଳୟରେ ଚାଷିଭାଇ ମାନଙ୍କୁ ନୂତନ ଆଧୁନିକ ପ୍ରଣାଳୀର ଜ୍ଞାନ କୌଶଳ ସଂପର୍କରେ ତାଲିମ ପ୍ରଦାନ କରାଗଲା ଏବଂ ଏହାକୁ ଚାଷକ୍ଷେତ୍ରରେ ପ୍ରୟୋଗ କରାଯାଇ ଚାଷୀ ମାନଙ୍କୁ ପୁଂଖାନୁପୁଂଖ ବୁଝାଇଦିଆଯିବାରୁ ଆମ୍ଭେମାନେ ଚାଷ ପ୍ରଣାଳୀକୁ ଠିକ ଭାବେ ହୃଦୟଙ୍ଗମ କରି ପାରିଲୁ । କିପରି ଧାନ ବା ମୁଗ ଚାଷ କରିବେ ସେହି ସମୟରେ ଏହି ବିଦ୍ୟାଳୟରେ ବୁଝାଇ ଦିଆଗଲା । ମୁଖ୍ୟତଃ ଧାଡିରୁଆ ଧାନଚାଷ କିପରି କରିବେ ସେ ବିଷୟରେ ଚାଷି ମାନଙ୍କୁ ଅବଗତ କରାଗଲା । ସବୁଠାରୁ ବଡକଥା ହେଲା ଆମ୍ଭେମାନେ ୟୁରିଆକୁ ପିଲ ସାର ବୋଲି ଜାଣିନଥିଲୁ । ମୁଁ ସେହି କୃଷକ କ୍ଷେତ୍ର ବିଦ୍ୟାଳୟରୁ ଜାଣିଲି । ପ୍ରଥମେ ମୁଁ IRDMS ମାଧ୍ୟମରେ ମୋର ମାଟି ପରୀକ୍ଷା କରିବାକୁ ପଠାଇ ଥିଲି । ତାପରେ ମୋର ବିହନକୁ ପରୀକ୍ଷା କରିବାକୁ ପଠାଇଥିଲି ।



ସେହି ସବୁ ରିପୋର୍ଟ ଆସିବା ପରେ ମୋର ଜମିରେ କଣ-କଣ ସାର ଏବଂ କେତେ ପରିମାଣରେ ଆବଶ୍ୟକ ସେହି ଅନୁସାରେ ମୁଁ ମୋର ଜମିରେ ପ୍ରୟୋଗ କଲି ଓ ମୋର ବିହନ ତଳି ପଡିବା ପାଇଁ ଉପଯୁକ୍ତ କି ନୁହେଁ ପରୀକ୍ଷା ହୋଇ ଆସିବା ପରେ ମୋର ବିହନକୁ ବିଶୋଧନ କଲି ଓ ତା ପରେ ତଳିଘେରା କିପରି ପ୍ରସ୍ତୁତ କରାଯିବ ଓ ସେହି ତଳି କିପରି ବିଶୋଧନ କରାଯିବ ଓ କେତେ ଦିନ ପରେ ତଳି ଯାଇ ମୁଖ୍ୟ ଜମିରେ ଧାଡିରୁଆ କରାଯିବ, ସେ ବିଷୟରେ କୃଷି ବିଶେଷଜ୍ଞଙ୍କ ପରାମର୍ଶ ଗ୍ରହଣ କରିଥିବାରୁ ମୁଁ ସେହି ହିସାବରେ ପ୍ରଥମେ ଧାଡିରୁଆ ପୂର୍ବରୁ ଶେଷ ଓଡ ଚାଷେରେ ମୂଳସାର ହିସାବରେ ଏକର ପ୍ରତି D.A.P. ୩୫ ରୁ ୪୦ କି.ଗ୍ରା. ଓ ପଟାସ୍ ୨୦ କି.ଗ୍ରା. ଓ ୟୁରିଆ ୫ କି.ଗ୍ରା ଜମିରେ ପ୍ରୟୋଗ କଲି । ଏହାର ୧୮ ଦିନପରେ ପିଲସାର ହିସାବରେ ୟୁରିଆ ଏକର ପ୍ରତି ୩୫ କି.ଗ୍ରା. ପ୍ରୟୋଗ କଲି । ତାପରେ ଥୋଡ ସାର ଥୋଡ ଆସିବାର ୧୦ ଦିନ ପୂର୍ବରୁ ପ୍ରୟୋଗ କଲି । ଏହାକୁ ଏକର ପ୍ରତି ୟୁରିଆ ୧୮ କି.ଗ୍ରା. ଓ ପଟାସ୍

ସାର ୧୦ କି.ଗ୍ରା. ହିସାବରେ ପ୍ରୟୋଗ କଲି । ଧାନ ଥୋଡ ହେବା ପୂର୍ବରୁ ମୁଁ ଦେଖିଲି ଯେ ଜମିରେ ପୋକ ଲାଗିଅଛି ସେଥିପାଇଁ ଏକ ଲିଟର ପାଣିରେ ଦୁଇ ମିଲି ମାତ୍ରାରେ ଏକରକୁ ୪୦୦ମିଲି ହିସାବରେ କ୍ଲୋରୋପାଇରିଫସ୍ ସ୍ପ୍ରେ କଲି । ଏହି ସବୁ ପଦ୍ଧତି ଅବଲମ୍ବନ କରିବା ପରେ ମୁଁ ମୋର ଜମିରେ ଆଗ ଅପେକ୍ଷା ଅଧିକ ଅମଳ ପାଇ ପାରିଛି ।

ଆଗରୁ ମୁଁ ଏକର ପ୍ରତି ୧୫ ରୁ ୧୮ କୁଇଣ୍ଟାଲ ହିସାବରେ ଧାନ ପାଉଥିଲି କିନ୍ତୁ ନୂତନ ଜ୍ଞାନ କୌଶଳ ଲାଭକରି ଧାଡିରୁଆ କରିବା ପରେ ଆବଶ୍ୟକ ସମୟରେ ସାର ଔଷଧ ପ୍ରୟୋଗ କରିବା ଫଳରେ ଏବେ ମୁଁ ଏକର ପ୍ରତି ୨୮ ରୁ ୩୦ କୁଇଣ୍ଟାଲ ଧାନ ପାଉଅଛି, ଯାହା ଫଳରେ ମୁଁ ଅଧିକ ଲାଭବାନ ହୋଇପାରିଛି । ଏସବୁର ସଫଳତା ପଛରେ IRDMS ସଂସ୍ଥାର ସହଯୋଗ ରହିଛି ।



ଧାନ ସରିବା ପରେ ମୁଁ ମୋର ଜମିରେ ମୁଗ ଚାଷ କରେ, କିନ୍ତୁ ଜଳ ସେଚନର ସୁବିଧା ନ ଥିବାରୁ ମୁଁ ମୋର ସବୁ ଜମିରେ ମୁଗ ଚାଷ କରିପାରେ ନାହିଁ । କମ୍ ଜମିରେ ମୁଗ ଚାଷ କରିଥାଏ, କିନ୍ତୁ ପାଣି ପଞ୍ଚାୟତ ଗଠନ ହେବାପରେ ଆମ ଅଞ୍ଚଳରେ ଅଧିକ ଜମିରେ ଜଳସେଚନ ସୁବିଧା ହୋଇପାରିଛି । ଯାହା ଫଳରେ ଆମେ ଅଧିକ ଜମିରେ ମୁଗ ଚାଷ କରିପାରୁଛୁ । ଏହି ମୁଗ ଚାଷକୁ ମଧ୍ୟ ମୁଁ ପ୍ରଥମେ ମୋର ମୁଗ ବିହନକୁ ବିଶୋଧନ କରି ମୋର ଜମିର ବୁଣିଥାଏ । ଏହା IRDMS ସଂସ୍ଥାର କୃଷି ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ସାର ଔଷଧ ମଧ୍ୟ ପ୍ରୟୋଗ କରିଥାଏ । ସେଥିପାଇଁ ମୁ ମଧ୍ୟ ମୁଗରୁ ଭଲ ଅମଳ ପାଇଥାଏ । ଏହା ଦ୍ୱାରା ମୁଁ ମୋର ସାଧାରଣ ଜିବନରେ ସୁଧାର କରି ପାରିଛି । ମୋତେ ଆଉକାହା ପାଖରେ ହାତ ପତାଇ ବାକୁ ପଡୁନାହିଁ, କିମ୍ବା ଅନ୍ୟକାହାର ସାହାଯ୍ୟ ଲୋଡିବାକୁ ପଡୁନାହିଁ । ଏହା ପଛରେ IRDMS ସଂସ୍ଥାର ମୁଖ୍ୟ ସହାୟତା ଅଛି ।

ଜଳସେଚନର ସୁବିଧା ଫଳରେ ମୁଁ ମୋର କିଛି ଢିପ ଜମିରେ ମଧ୍ୟ ପନିପରିବା ଚାଷ କରୁଅଛି । ଯାହା ଫଳରେ ସେଥିରୁ ମଧ୍ୟ ମୁଁ ଲାଭବାନ ହୋଇପାରୁଛି । ତେଣୁ ମୋର ଏଇ ସଫଳତା ଯୋଗୁଁ ମୁଁ ପାଣି ପଞ୍ଚାୟତର କର୍ମକର୍ତ୍ତା ଓ IRDMS ସଂସ୍ଥାର ସମସ୍ତ କର୍ମଚାରୀ ମାନଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ।

Sukanta Khuntia

**ସୁକାନ୍ତ କୁମାର ଖୁଣ୍ଟିଆ**
ଗ୍ରାମ- ତଅଁରା

# ସୋମପୁର ପାଣି ପଞ୍ଚାୟତର ସଫଳ ସମ୍ପାଦକ ଅଜୟ ଭୂୟାଁ



ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ତାଳଦଣ୍ଡା ବୃହତ ଜଳସେଚନ ପ୍ରକଳ୍ପରେ ଗଠିତ ସମୁଦାୟ ୭୩ ପାଣି ପଞ୍ଚାୟତ ମଧ୍ୟରେ ସୋମପୁର ପାଣି ପଞ୍ଚାୟତ (ପି.ପିନଂ-୧୧) ଗୋଟେ ଅଗ୍ରଣି ପାଣି ପଞ୍ଚାୟତ ଭାବେ ଜଣାଶୁଣା। ଏହି ପାଣି ପଞ୍ଚାୟତଟି ଜଳ ସମ୍ପଦ ଅନୁବିଭାଗ, ସୋମପୁର ଅଧିନରେ ରହିଛି। ଜଣେ ଯୁବ ପ୍ରତିଭା ଓ ଆଖ ପାଖ ଅଞ୍ଚଳରେ ଜଣା ଶୁଣା ଶ୍ରୀ ଅଜୟ କୁମାର ଭୂୟାଁ, ୨୦୧୪ ମସିହାରେ ପାଣି ପଞ୍ଚାୟତ ନିର୍ବାଚନରେ ନୂତନ ଭାବରେ ସମ୍ପାଦକ ହିସାବରେ ନିର୍ବାଚିତ ହୋଇଛନ୍ତି। ଜଳସଂପଦ ବିଭାଗ, ଓଡ଼ିଶା ସରକାରଙ୍କ ସହାୟତାରେ ପରିଚାଳିତ "ଓଡ଼ିଶା ସମନ୍ୱିତ ଜଳସେଚିତ କୃଷି ଓ ଜଳ ପରିଚାଳନା ପୁଞ୍ଜିଲଗାଣ କାର୍ଯ୍ୟକ୍ରମ (OIIAWMIP)" ରେ ଶ୍ରୀ ଭୂୟାଁ, ଆଇ.ଆର.ଡି.ଏମ.ଏସ କର୍ମକର୍ତ୍ତାଙ୍କ ସହ ପାଣି ପଞ୍ଚାୟତର ବୈଠକ ଗୁଡ଼ିକ ନିୟମିତ ଭାବରେ କରାଉଛନ୍ତି। ଏହି ବୈଠକ ଭିତରେ କାର୍ଯ୍ୟନିର୍ବାହୀ ବୈଠକ, ସାଧାରଣ ପରିଷଦ ବୈଠକ, କୃଷି ସଚେତନତା ବୈଠକ ଗୁଡ଼ିକ କରାଉଛନ୍ତି। ୨୦୧୫-୧୬ ଖରିଫ ଓ ରବି ଚାଷ ପୂର୍ବରୁ ସୋମପୁର ପାଣି ପଞ୍ଚାୟତରେ ସାଧାରଣ ପରିଷଦ ବୈଠକରେ ପାଣି ପଞ୍ଚାୟତର ଖରିଫ ଓ ରବି ଚାଷ ପାଇଁ ଯୋଜାନ ପ୍ରସ୍ତୁତ କରାଯାଇଛି ଓ ପାରୀତ ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି। ଜଳ ସମ୍ପଦ ବିଭାଗ ଦ୍ୱାରା ଏହା ଏକ ମଡେଲ ପାଣି ପଞ୍ଚାୟତ ହିସାବରେ ନିଆଯାଇଥିବାରୁ ନିୟମ ଅନୁଯାଇ ଏହି ପାଣି ପଞ୍ଚାୟତର ୧୦୦ ଜଣ ଚାଷୀଙ୍କ ଠାରୁ ମାଟି ନମୁନା ସଂଗ୍ରହ କରାଯାଇ, କଟକ ଜଗତପୁର ଠାରେ ଥିବା ମୃତ୍ତିକା ପରୀକ୍ଷାଗାରରେ ପରୀକ୍ଷା କରାଯାଇଛି। ଶ୍ରୀ ଭୂୟାଁଙ୍କ ତତ୍ତ୍ୱାବଧାନରେ ଆଇ.ଆର.ଡି.ଏମ୍.ଏସ୍‌ର କୃଷି ବିଶେଷଜ୍ଞ ଓ ଗୋଷ୍ଠୀ ସଂଗଠକ ମାନେ ଏହି ମାଟି ପରୀକ୍ଷାର ଫଳାଫଳ ଓ ଅନୁମୋଦିତ ସାର ପ୍ରୟୋଗ ଉପରେ ପାଣି ପଞ୍ଚାୟତ ବୈଠକରେ ଚାଷୀମାନଙ୍କୁ ବୁଝାଇ, ମାଟି ପରୀକ୍ଷାର ଫଳାଫଳ କାର୍ଡ ଗୁଡ଼ିକ ଚାଷୀମାନଙ୍କୁ ବଣ୍ଟନ କରା ଯାଇପାରିଛି।



ଖରିଫ ଚାଷରେ ଯୋଜନା ମୁତାବକ ଚିହ୍ନଟ ଚାଷୀମାନଙ୍କର ବିହନ ନମୁନା ସଂଗ୍ରହ କରାଯାଇ, ଭୁବନେଶ୍ୱର ସ୍ଥିତ ରାଜ୍ୟ ବିହନ ପରୀକ୍ଷାଗାରରେ ପରୀକ୍ଷା କରାଯାଇଛି। ଫଳାଫଳ ଗୁଡ଼ିକ ବିସ୍ତୃତ ଭାବରେ ଚାଷୀମାନଙ୍କୁ ବୁଝାଇ ଦିଆଯାଇ ଫଳାଫଳର କାର୍ଡ ଗୁଡ଼ିକ ବଣ୍ଟା ଯାଇପାରିଛି। ଫଳରେ ଚାଷୀମାନେ ଉପଯୁକ୍ତ ବିହନ କିସମ ମାଧ୍ୟମରେ ପାଣି ପଞ୍ଚାୟତରେ ଚାଷ କରି ପାରିଛନ୍ତି। ଶ୍ରୀ ଭୂୟାଁ ପାଣି ପଞ୍ଚାୟତରେ ଚାଷୀମାନଙ୍କୁ ଧାଡ଼ି ରୁଆ ଚାଷ ପାଇଁ ସଂଗଠିତ କରି ପାରିଛନ୍ତି। ପାଣି ପଞ୍ଚାୟତରେ ଧାଡ଼ି ରୁଆରେ ଚାଷ ଉପରେ ସଚେତନତା ବୃଦ୍ଧି ପାଇଛି।



ତାଙ୍କ ମାର୍ଫତରେ ଏହି ପାଣି ପଞ୍ଚାୟତରେ ଆଗ୍ରୋ ସର୍ଭିସ ସେଣ୍ଟର (Agro Service Centre) ଟିଏ ଖୋଲିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏଥର ପାଣି ପଞ୍ଚାୟତରେ ଧାଡ଼ିରୁଆରେ ଚାଷ କରିଥିବା ଚାଷୀମାନେ ପ୍ରସ୍ତାବିତ ଖରିଫ୍ ଯୋଜନାରେ ଜୈବିକ ଓ ଅଣୁ ସାର ସହ ଆଇ.ଆର.ଡି.ଏମ୍.ଏସ୍ କର୍ମକର୍ତ୍ତାଙ୍କ ଠାରୁ ତାଲିମ୍ ପାଇ ହେକ୍ଟର ପିଛା ୮୦ ରୁ ୮୫ କୁଇ ।ଲ୍ ଧାନ ପାଇ ପାରିଛନ୍ତି। ସେଥିପାଇଁ ସେ ଜଳ ସମ୍ପଦ ବିଭାଗ ଓ ଆଇ.ଆର.ଡି.ଏମ୍.ଏସକୁ ଧନ୍ୟବାଦ ଦେଇଛନ୍ତି।

# ଚାଷୀରୁ ପାଣି ପଞ୍ଚାୟତ ସମ୍ପାଦକ

## - ଚାଷୀ ବିଭୁତି ଭୂଷଣଙ୍କ ସଫଳ ଯାତ୍ରା



ବିଭୂତିଭୂଷଣ ସାମନ୍ତରାୟ, ନୃସିଂହନାଥ ପାଣି ପଞ୍ଚାୟତ (ପି:ପି-୦୯) ସମ୍ପାଦକ ଅଟନ୍ତି। ଓଡ଼ିଶା ସରକାରଙ୍କ "ଓଡ଼ିଶା ସମନ୍ୱିତ ଜଳସେଚିତ କୃଷି ଓ ଜଳ ପରିଚାଳନା ପୁଞ୍ଜିଲଗାଣ କାର୍ଯ୍ୟକ୍ରମ (OIIAWMIP)" ରେ ନୃସିଂହନାଥ ପାଣି ପଞ୍ଚାୟତ (ପି.:ପି-୦୯)ରେ ଖରିଫ୍ ଓ ରବି ଯୋଜନା କାର୍ଯ୍ୟକାରୀ ହେଉଛି। ଏହା ଏକ ମଡେଲ୍ ପାଣି ପଞ୍ଚାୟତ ଅଟେ।

ଏହି ପାଣି ପଞ୍ଚାୟତ ବର୍ଷ (୨୦୧୫-୧୬)ରେ ନେଇଥିବା ଉଲ୍ଲେଖନୀୟ କାମ ଗୁଡ଼ିକ ଉପରେ କହିବାକୁ ସେ ଯାଇ କହିଛନ୍ତି ଏଥର ଚାଷୀମାନେ ଧାଡ଼ିରୁଆ ଚାଷ କରିଥିବା ଚାଷୀମାନେ ଭଲ ଅମଳ ପାଇଛନ୍ତି। ହେକ୍ଟର ପିଛା ୮୦ ରୁ ୯୦ କୁଇଣ୍ଟାଲ ଧାନ ପାଇଛନ୍ତି। ଗତ ବର୍ଷ ତୁଳନାରେ ହେକ୍ଟର ପିଛା ୧୦ ରୁ ୧୫ କୁଇଣ୍ଟାଲ ଧାନ ଅଧିକା ଅମଳ ହୋଇଛି। ଆଇ.ଆର.ଡି.ଏମ୍.ଏସ୍. କର୍ମକର୍ତ୍ତାଙ୍କ ସହାୟତାରେ ସେ ଚଳିତ ଖରିଫ ୨୦୧୫-୧୬ ଯୋଜନା ଅନୁଯାୟୀ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟକ୍ରମ ଗୁଡ଼ିକରେ ସାମିଲ ହୋଇଛନ୍ତି। ମଡେଲ ପାଣି ପଞ୍ଚାୟତ ହିସାବରେ ଖରିଫ ୨୦୧୫-୧୬ରେ ପାଣି ପଞ୍ଚାୟତରେ ପ୍ରସ୍ତାବିତ ୧୦୦ ଜଣ ପାଣି ପଞ୍ଚାୟତ ଚାଷୀମାନଙ୍କର ମାଟି ପରୀକ୍ଷା ଆଇ.ଆର.ଡି.ଏମ୍.ଏସ. ମାଧ୍ୟମରେ କଟକ, ଜଗତପୁର ଠାରେ ଥିବା ସରକାରୀ ମୃତ୍ତିକା ପରୀକ୍ଷାଗାରରେ କରାଯାଇଛି। ରାଜ୍ୟ ବିହନ ପରୀକ୍ଷା ଗାରରେ ମଧ୍ୟ ଚାଷୀମାନଙ୍କର ବିହନ ପରୀକ୍ଷା ସହ ଆଇ.ଆର.ଡି.ଏମ୍.ଏସ୍. ମାଧ୍ୟମରେ ପାଣି ପଞ୍ଚାୟତରେ ଅବସ୍ଥିତ ଥିବା ଗାଁ ଗୁଡ଼ିକରେ ବିହନ ବିଶୋଧନା ଅଭିଯାନ କାର୍ଯ୍ୟକ୍ରମ କରାଯାଇଛି।। ସେ ମଧ୍ୟ ଚାଷୀ ହିସାବରେ ଏକ ହେକ୍ଟରରେ ଧାଡ଼ି ରୁଆରେ ଧାନ ଚାଷ କରି ପ୍ରାୟ ୮୫ କୁଇଣ୍ଟାଲ ଧାନ ପାଇଛନ୍ତି। କୃଷକକ୍ଷେତ୍ର ବିଦ୍ୟାଳୟ ମାଧ୍ୟମରେ ପାଣି ପଞ୍ଚାୟତର ୩୦ ଜଣ ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।



ପାଣି ପଞ୍ଚାୟତରେ ଚାଷୀମାନଙ୍କୁ ରାସାୟନିକ ସାର କମ ପ୍ରୟୋଗ ସହ ଜୈବିକ ଓ ଅଣୁସାର ପ୍ରୟୋଗ ଉପରେ ସଚେତନ କରାଇ ପର୍ଯ୍ୟାୟକ୍ରମେ ଅନୁମୋଦିତ ଜୈବିକ ଓ ଅଣୁସାର ବଣ୍ଟନ କରାଯାଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି। ଚାଷୀମାନଙ୍କ ଶସ୍ୟ କାଟ କରାଯାଇ, ଧାନ ଅମଳର ଚିତ୍ର ପାଣି ପଞ୍ଚାୟତର ଚାଷୀମାନଙ୍କୁ ଦର୍ଶା ଯାଇଛି। ରବିରେ ମଧ୍ୟ ମୁଗ ଓ ପନି ପରିବା ଚାଷ ପାଇଁ ଚାଷୀମାନଙ୍କୁ ବଛା ଯାଇ ପ୍ରସ୍ତାବିତ ଯୋଜନା ଅନୁଯାଇ ସାର ଓ ତାଲିମ୍ ପ୍ରଦାନ କରାଯାଉଛି। ପାଣି ପଞ୍ଚାୟତର ୫ଗୋଟି ସ୍ୱୟଂ ସହାୟକ ଦଳର ୫୦ ଜଣ ମହିଳା ଖରିଫ୍ ଓ ରବିରେ ଛତୁ ଚାଷ କରି ବେଡ୍ ପିଛା ୧ ରୁ ୧.୫ କେଜି ଛତୁ କେଜି ପ୍ରତି ୧୦୦ଟଙ୍କାରେ ବିକିଛନ୍ତି।



ପାଣି ପଞ୍ଚାୟତରେ ପାଣି ପଞ୍ଚାୟତ ନିୟମ ଅନୁଯାଇ ସମସ୍ତ ରେଜିଷ୍ଟର ଚାଲୁ କରାଯାଇଛି। ୨୦୦୭-୨୦୦୮ ମସିହାରୁ ହୋଇନଥିବା ପାଣି ପଞ୍ଚାୟତ କ୍ୟାସ ବୁକ୍ ଆଇ.ଆର.ଡି.ଏମ.ଏସ୍ ମାଧ୍ୟମରେ କରାଯାଇ ଚାଲୁ କରାଯାଇଛି ଏ ବାବଦରେ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଛି। ସେଥିପାଇଁ ସେ ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାର ଓ ଆଇ.ଆର.ଡି.ଏମ୍.ଏସ୍. କର୍ମକର୍ତ୍ତାଙ୍କୁ ଏହି ସଫଳତା ପଛରେ ଧନ୍ୟବାଦ ଦେଇଛନ୍ତି।

# ମା’ ତାରିଣୀ ପରମହଂସ ପାଣି ପଞ୍ଚାୟତ (ପି.ପି-୦୧)ର ସଫଳ ବିନ୍ଧାଣି



ଶ୍ରୀଯୁକ୍ତ ବିଶ୍ୱନାଥ ଦାଶ ମା’ ତାରିଣୀ ପରମହଂସ ପାଣି ପଞ୍ଚାୟତ (ପି.ପି ନଂ-୦୧)ର ସଭାପତି ଭାବରେ ୨୦୧୪ରେ ପୁନଃ ପାଣି ପଞ୍ଚାୟତ ନିର୍ବାଚନ ପରେ ଦାୟିତ୍ୱ ଗ୍ରହଣ କରିଥିଲେ। “ଓଡ଼ିଶା ସମନ୍ୱିତ ଜଳସେଚିତ କୃଷି ଓ ଜଳ ପରିଚାଳନା ପୁଞ୍ଜିଲଗାଣ କାର୍ଯ୍ୟକ୍ରମ (OIIAWMIP)” ରେ ପାଣି ପଞ୍ଚାୟତକୁ ସୁଦୃଢ଼ିକରଣ କାର୍ଯ୍ୟକ୍ରମରେ ଆଇ.ଆର.ଡି.ଏମ୍.ଏସ୍ ସହାୟତାରେ ସେ ପାଣି ପଞ୍ଚାୟତରେ ଖରିଫ-୨୦୧୫ ଯୋଜନାରେ ମଡେଲ୍ ପାଣି ପଞ୍ଚାୟତ ହିସାବରେ ୧୦୦ଜଣ ଚାଷୀଙ୍କର ମାଟି ପରୀକ୍ଷା ସ୍ଥାନୀୟ କଟକ ଜଗତପୁର ଠାରେ ଥିବା ମୃତ୍ତିକା ପରୀକ୍ଷାଗାର ଠାରେ ପରୀକ୍ଷା କରାଇଥିଲେ। ମୃତ୍ତିକା ପରୀକ୍ଷା ଫଳାଫଳ ଅନୁଯାଇ ଅନୁମୋଦିତ ଖାଦ୍ୟସାର ଆଇ.ଆର.ଡି.ଏମ୍.ଏସ ସେବା ସହାୟକ ଦଳର ଅଭିଜ୍ଞ କୃଷି ବିଶେଷଜ୍ଞ ଦ୍ୱାରା ଚାଷୀମାନଙ୍କୁ ବୁଝାଇ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଇ ପାରିଛନ୍ତି। ଶ୍ରୀ ଦାଶ ଏହି କାର୍ଯ୍ୟକୁ ପ୍ରତ୍ୟକ୍ଷ ଭାବରେ ତଦାରଖ କରିଥିଲେ।



ଏବେ ସେ ଆଇ.ଆର.ଡି.ଏମ୍.ଏସ୍ ସହାୟତାରେ ପାଣି ପଞ୍ଚାୟତ ପାଇଁ ଆବଶ୍ୟକ ଖାତା ଗୁଡ଼ିକ ଚାଲୁ କରିଛନ୍ତି। ସେଗୁଡ଼ିକ ହେଲା ପାଣି ପଞ୍ଚାୟତର ବୈଠକ ନୋଟିସ ଖାତା, କାର୍ଯ୍ୟ ନିର୍ବାହୀ ବୈଠକ ଖାତା, ସାଧାରଣ ପରିଷଦ ବୈଠକ ଖାତା, ପାଣି ପଞ୍ଚାୟତ ଭୂଧାରକ ତାଲିକା, ନୂତନ ସଭ୍ୟ ଓ ସଭ୍ୟାଙ୍କ ଖାତା, ପାଣି ପଞ୍ଚାୟତ ରୋକଡ ଖାତା (କ୍ୟାସ ବୁକ୍), ପାଣି ପଞ୍ଚାୟତ ସଚେତନତା ପାଇଁ ହେଉଥିବା ବୈଠକ ଖାତା, ପାଣି ପଞ୍ଚାୟତ ରସିଦ ବହି, ପାଣି ପଞ୍ଚାୟତର ପ୍ୟାଡ୍ ସହ ଅନ୍ୟାନ୍ୟ ଆବଶ୍ୟକ ରେଜିଷ୍ଟର ଯଥା ବିଲ୍ ରେଜିଷ୍ଟର, ଆସ୍ତି ଓ ସମ୍ପତ୍ତି ରେଜିଷ୍ଟର, ଜଳକର ଦାବି ଓ ଅସୁଲ ରେଜିଷ୍ଟର ଓ କେନାଲ ମରାମତି ଓ ରକ୍ଷଣା ବେକ୍ଷଣ ରେଜିଷ୍ଟର ଇତ୍ୟାଦି ରେଜିଷ୍ଟର ପାଣି ପଞ୍ଚାୟତ ଅଧିନିୟମ ୨୦୦୨ ଓ ନିୟମାବଳୀ ୨୦୦୩ ଅନୁଯାଇ ପ୍ରସ୍ତୁତ କରାଯାଇଛି।

ପାଣି ପଞ୍ଚାୟତର ସ୍ଥାୟୀ ଗୃହପାଇଁ ଶ୍ରୀ ଦାଶ ଜଳସମ୍ପଦ, ଓଡ଼ିଶା ସରକାରଙ୍କ ସହକାରୀ ଯନ୍ତ୍ରୀ, ବିରିବାଟୀ ଓ କିଶାନ ନଗର ସବଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ, କିଶାନ ନଗରକୁ ପ୍ରସ୍ତାବ ଦେଇଛନ୍ତି।

ପାଣି ପଞ୍ଚାୟତ ନିର୍ବାଚନ ପରେ ପଞ୍ଚାୟତ ଅଧିନିୟମ ୨୦୦୨ ଓ ନିୟମାବଳୀ ୨୦୦୩ ଅନୁଯାଇ ପାଣି ପଞ୍ଚାୟତର ଆବଶ୍ୟକୀୟ ସବ-କମିଟି ମାନ ଗଠନ କରାଯାଇ ଆଇ.ଆର.ଡି.ଏମ୍.ଏସ୍.ର କର୍ମକର୍ତ୍ତାମାନଙ୍କ ସହଯୋଗରେ ପ୍ରଶିକ୍ଷଣ କାମ କରାଇ ପାରିଛନ୍ତି। ଯାହା ଫଳରେ କମିଟି ସଭ୍ୟ/ସଭ୍ୟାମାନେ କମିଟିରେ ସେମାନଙ୍କ ଭୂମିକା ଉପରେ ସଚେତନ ହୋଇ ପାରିଛନ୍ତି।



କୃଷକ କ୍ଷେତ୍ର ବିଦ୍ୟାଳୟ ହେଉ କିମ୍ବା କୃଷି ପରିଭ୍ରମଣ ହେଉ ଚାଷୀମାନେ ଧାଡ଼ି ରୁଆ ଚାଷ ସହିତ ରାସାୟନିକ ସାର ଅପେକ୍ଷା ଜୈବିକ ଓ ଅଣୁସାର ପ୍ରୟୋଗ କରି ଚାଷ କରିବା ଉପରେ ପାଣି ପଞ୍ଚାୟତର ଚାଷୀମାନଙ୍କୁ ବୈଠକ ମାଧ୍ୟମରେ ବୁଝାଇ ପାରିଛନ୍ତି। ପାଣି ପଞ୍ଚାୟତ ଶସ୍ୟ କାଟ ଫଳାଫଳକୁ ଅନୁଧ୍ୟାନ କଲେ ଚାଷୀ ହେକ୍ଟର ପିଛା ହାରାହାରି ୮୦ କୁଇଣ୍ଟାଲ ପର୍ଯ୍ୟନ୍ତ ଧାନ ପାଇଛନ୍ତି। ଏହି ଶସ୍ୟ କାଟ ସମୟରେ ଆଇ.ଆର.ଡି.ଏମ୍.ଏସ୍.ର କୃଷି ବିଶେଷଜ୍ଞ ଧାନ ଅମଳ ସମୟରେ ଅମଳ ବୃଦ୍ଧିର ନୂତନ ଦିଗଗୁଡ଼ିକ ବତାଇଛନ୍ତି।

ଅଣୁ ଯୋଜନା ପ୍ରସ୍ତୁତ ସମୟରେ ପ୍ରସ୍ତାବିତ ହିତାଧିକାରୀମାନଙ୍କୁ ନେଇ ତାଙ୍କ



ସହଯୋଗରେ ସି.ଆଇ.ଜି (Common Interest Group) ଗଠନ କରାଯାଇ ପାରିଛି। ଶ୍ରୀ ଦାଶ ମଧ୍ୟ ପାଣି ପଞ୍ଚାୟତରେ ରହୁଥିବା ଅଗ୍ରଣୀ ଚାଷୀଙ୍କ ସୁବିଧା ପାଇଁ ଆଗ୍ରୋ ସର୍ଭିସ ସେଣ୍ଟର (Agro Service Centre) ସ୍ଥାପନ ପାଇଁ ଚେଷ୍ଟା କରୁଛନ୍ତି। ଏହା ହେଲେ ପାଣି ପଞ୍ଚାୟତର ଚାଷୀମାନେ ନୂତନ କୃଷି ଯନ୍ତ୍ରପାତି ସହ ନୂତନ ଜ୍ଞାନ କୌଶଳ ପ୍ରୟୋଗ କରି ଚାଷରୁ ଅଧିକ ଅମଳ ପାଇ ପାରିବେ ବୋଲି ତାଙ୍କର ଆଶା।

ଛତୁ ଚାଷ ମାଧ୍ୟମରେ ପାଣି ପଞ୍ଚାୟତରେ ରହିଥିବା ସ୍ୱୟଂ ସହାୟକ ଦଳର ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଖରିଫରେ ପାଳ ଓ ରବିରେ ଧିଙ୍ଗିରି ଛତୁ ଚାଷ କରାଯାଉଛି। ଉତ୍ପନ୍ନ ଛତୁ ସ୍ଥାନୀୟ ବେପାରୀମାନଙ୍କୁ ବିକ୍ରୟ କରି ସ୍ୱୟଂ ସହାୟକ ଦଳର ମହିଳାମାନେ କିଛି ଅର୍ଥ ରୋଜଗାର କରୁଛନ୍ତି। ଶ୍ରୀ ଦାଶ ପାଣି ପଞ୍ଚାୟତର ରହୁଥିବା ସମସ୍ତ ପ୍ରକାରର ହିତାଧିକାରୀମାନଙ୍କ ପାଇଁ ଭିନ୍ନ ଭିନ୍ନ ଯୋଜନାରେ ସେମାନଙ୍କୁ ସାମିଲ କରାଇ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି ପାଇଁ ପ୍ରୟାସ ଜାରି ରଖିଛନ୍ତି। ଆଇ.ଆର.ଡି.ଏମ୍.ଏସ୍.କୁ ପାଣି ପଞ୍ଚାୟତ କାମରେ କ୍ରିୟାଶୀଳ କରାଇବାରେ ତାଙ୍କର ଅବଦାନ ରହିଛି। ଆଗକୁ ମା' ତାରିଣୀ ପରମହଂସ ପାଣି ପଞ୍ଚାୟତ (ପି.ପି.ନଂ-୦୧)କୁ ଏକ ସଫଳ ପାଣି ପଞ୍ଚାୟତ ଭାବରେ ଗଢ଼ି ତୋଳିବା ତାଙ୍କର ଏକ ମାତ୍ର ଲକ୍ଷ୍ୟ।



# ଚାଷୀ ଦିଗମ୍ବର ମହାନ୍ତିଙ୍କ ଚାଷ କଥା




ଜଗତସିଂହପୁର ଜିଲ୍ଲାର ବିରିଡ଼ି ବ୍ଲକ ଅନ୍ତର୍ଗତ ଜଣେ ସଫଳ ଚାଷୀ, ନାମ ତାଙ୍କର ଦିଗମ୍ବର ମହାନ୍ତି। ବୟସ ୭୦ ବର୍ଷ। ୧୭ ବର୍ଷରୁ ସେ ଚାଷ କାମକୁ ନିଜର କର୍ମପନ୍ଥା ରୂପେ ବାଛି ନେଇଛନ୍ତି। ଚାଷ ପାଇଁ ତାଙ୍କର ଆଗ୍ରହ କହିଲେ ନ ସରେ। ପିଲା ବେଳେ ପାଠ ପଢ଼ା ସହ ସେ ଚାଷ କାମରେ ତାଙ୍କ ବାପାଙ୍କୁ ସାହାଯ୍ୟ କରି ଆସୁଥିଲେ। ତାଙ୍କର ନିଜସ୍ୱ ଜମି କିଛି ନଥିଲା। ବାପା ଅନ୍ୟମାନଙ୍କ ଠାରୁ ଭାଗରେ ଜମି ଆଣି ଚାଷ କରୁଥିଲେ। ପରିବାରର ଆର୍ଥିକ ସ୍ଥିତି ଏତେ ଭଲ ନଥିଲା। ଚାଷରୁ ଯାହା ଅମଳ ହୁଏ ସେଥିରୁ ଅଧା ଜମି ମାଲିକଙ୍କୁ ଦେବା ପରେ ଯାହା ରୁହେ ସେଥିରେ ତାଙ୍କର ପରିବାର ଭରଣ ପୋଷଣ ହୁଏ। ସେହି ଅଭାବ ଅନାଟନ ଭିତରେ ବାପା ତାଙ୍କର ୨ ଏକର ଜମି କିଣି ଦେଇଥିଲେ। ସେହି ୨ ଏକର ଜମି ସହିତ ଭାଗ ଚାଷ କରି ସେ ପରିବାର ର ଆବଶ୍ୟକତାକୁ ମେଣ୍ଟାଇଥିଲେ। ଦିଗମ୍ବର ବାବୁଙ୍କ ମନରେ କିନ୍ତୁ ଗୋଟେ ସ୍ୱପ୍ନ ଥିଲା। ସେ ଚାହୁଁଥିଲେ କିଛି ଚାକିରୀ ବାକିରି ନ କରି ସେ ଚାଷ କରିବେ। ସେଥିପାଇଁ ତାଙ୍କୁ ଅନେକ କଷ୍ଟ ସହିବାକୁ ପଡ଼ିଥିଲା। ଚାଷକୁ ବଢ଼ାଇବା ପାଇଁ ତାଙ୍କର ଇଚ୍ଛା ଥିଲେ ମଧ୍ୟ ସେ ନିରୁପାୟ ଥିଲେ। ତାଙ୍କୁ ଯେତେବେଳେ ୧୭ ବର୍ଷ ବୟସ ହୋଇଥିଲେ ସେ ପାଠ ପଢ଼ା ଛାଡ଼ି ଚାଷ କାମରେ ନିୟୋଜତ ହୋଇଥିଲେ। ମନର କଥାକୁ ମନରେ ମାରି କର୍ମକ୍ଷେତ୍ରରେ ସେ ଆଗେଇ ଚାଲିଥିଲେ। "କାନ୍ଧ ଅଲୁଗୁଣି ପେଟ ଅମାର" ଭଳି ଚାଷରୁ ଯାହା କିଛି ରୋଜଗାର ହେଉଥିଲା, ତାହା ଘର ପାଇଁ ଖର୍ଚ୍ଚ ହୋଇ ଯାଉଥିଲା।

ପାଞ୍ଚ ଭଉଣୀ, ବାପା, ମା' ଓ ଦିଗମ୍ବର ବାବୁଙ୍କୁ ନେଇ ତାଙ୍କ ପରିବାର। ଏହା ଭିତରେ ଭଉଣୀମାନଙ୍କ ବାହାଘର କରାଇ ଥିଲେ ଓ ତାଙ୍କ ନିଜ ମଧ୍ୟ ବାହାଘର ହୋଇଥିଲା। ବାହାଘର ସମୟରେ ତାଙ୍କ ଶ୍ୱଶୁର ଘରୁ ଗୋଟେ ସାଇକଲ ଯୌତୁକ ହିସାବରେ ମିଳିଥିଲା। ସାଇକେଲ ଚଢ଼ି ବୁଲିବା ଅପେକ୍ଷା ସେହି ସାଇକଲକୁ ବିକି ଜମି କିଣିବାକୁ ସେ ମନସ୍ଥ କଲେ। ସେଥିପାଇଁ ସେ ସାଇକଲଟିକୁ ୨୫୦ ଟଙ୍କାରେ ବିକ୍ରି କରି ସେହି ଟଙ୍କାରେ ସେ ଗୋଟେ ଏକର ଚାଷ ଜମି କିଣିଥିଲେ।

ସେହି ଠାରୁ ତାଙ୍କର ଜମି କିଣା ଗୋଟେ ସଉକ ହୋଇଯାଇଥିଲା। ଏବେ ତାଙ୍କ ପାଖରେ ୧୦ ଏକରରୁ ଅଧିକ ଜମି ଅଛି। ସେ ସବୁ ଜମିକୁ ସେ ପୁରାତନ ପ୍ରଣାଳୀରେ ଚାଷ କରୁଥିଲେ। ଯଥେଷ୍ଟ ଜମି ଥିଲେ ମଧ୍ୟ ସେ ହାଡ଼ ଭଙ୍ଗା ପରିଶ୍ରମ କରି ଜମିରୁ ଉଚିତ ପାରିଶ୍ରମିକ ପାଇ ପାରୁନଥିଲେ। ସେ ସମୟରେ ସେ ଗୁଣ୍ଠରୁ ୮ ଗୌଣି ଧାନ ଅମଳ କରୁଥିଲେ। ଏହି ସମୟରେ ଜଳ ସମ୍ପଦ ବିଭାଗ ତରଫରୁ ଜଳ ସେଚିତ ଜମିର ମାଲିକମାନଙ୍କୁ ନେଇ ପ୍ରତ୍ୟେକ ସ୍ଥାନରେ ପାଣି ପଞ୍ଚାୟତମାନ ଗଠନ କରାଗଲା। ସେଥିମଧ୍ୟରୁ ଲୋକନାଥଜୀଉ ପାଣି ପଞ୍ଚାୟତ -ପି.ପି.ନଂ-୧୨ର ସଭାପତି ରୂପେ ଦିଗମ୍ବର ମହାନ୍ତିଙ୍କୁ ଦାଇତ୍ୱ ଅର୍ପଣ କରାଗଲା। ପାଣି ପଞ୍ଚାୟତ ମାଧ୍ୟମରେ ଆଧୁନିକ ପ୍ରଣାଳୀରେ ଚାଷ କରି ଜମିରୁ ଅଧିକରୁ ଅଧିକ ପରିମାଣରେ ଫସଲ ଅମଳ କରିବା ଥିଲା ଜଳ ସମ୍ପଦ ବିଭାଗର ମୁଖ୍ୟ ଲକ୍ଷ। ପୋଥି ବିଦ୍ୟା ଭଳି ସରକାରଙ୍କର ଯୋଜନା ବାଟରେ ରହିଗଲା। ସୀମିତ କର୍ମଚାରୀ ଥିବାରୁ ସରକାରୀ ଯୋଜନାଗୁଡ଼ିକ ଲୋକମାନଙ୍କ ପାଖରେ ପହଞ୍ଚି ପାରିଲା ନାହିଁ। ଠିକ୍ ଏହି ସମୟରେ ଆଇ.ଆର.ଡି.ଏମ୍.ଏସ୍. ନାମକ ଏକ ବେସରକାରୀ ଅନୁଷ୍ଠାନ ସରକାର ଓ ଲୋକମାନଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବା



ପାଇଁ ଆଗେଇ ଆସିଥିଲେ। ଆଧୁନିକ ଯନ୍ତ୍ରପାତି ତଥା ଉନ୍ନତ ପ୍ରଣାଳୀରେ ଚାଷ କରିବା ପାଇଁ ଚାଷୀମାନଙ୍କୁ ସଚେତନ କରାଇବା ଥିଲା ଆଇ.ଆର.ଡି.ଏମ୍.ଏସ୍.ର ମୂଳ ଲକ୍ଷ୍ୟ। ଜଳସମ୍ପଦ ବିଭାଗ ସହାୟତାରେ ଆଇ.ଆର.ଡି.ଏମ୍.ଏସ୍. ଚାଷୀମାନଙ୍କୁ ବିଭିନ୍ନ ପ୍ରକାର ତାଲିମ୍ ପ୍ରଦାନ କରିଥିଲେ।

ପ୍ରଥମ ପର୍ଯ୍ୟାୟରେ ଆଇ.ଆର.ଡି.ଏମ୍.ଏସ୍. ଦ୍ୱାରା ଦିଗମ୍ବର ବାବୁଙ୍କ ଜମିରୁ ମାଟିର ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ବିହନର ଗଜା ପରୀକ୍ଷା କରାଯାଇ ଉନ୍ନତ ମାନର ବିହନକୁ ଦିଗମ୍ବର ବାବୁ ଚାଷ ପାଇଁ ବ୍ୟବହାର କରିଥିଲେ। ଆଇ.ଆଇ.ଡି.ଏମ୍.ଏସ୍.ର କୃଷି ବିଶେଷଜ୍ଞମାନଙ୍କ ତତ୍ତ୍ୱାବଧାନରେ ବିହନ ବିଶୋଧନ କରାଯାଇଥିଲା ଏବଂ ତଳି ଘେରରେ ଔଷଧ (Danadara) ପ୍ରୟୋଗ କରାଯାଇଥିଲା। ଏହା ପରେ କୃଷି ବିଶେଷଜ୍ଞମାନଙ୍କ ତତ୍ତ୍ୱାବଧାନରେ ଦିଗମ୍ବର ବାବୁ ଧାଡ଼ି ରୁଆ ପ୍ରଣାଳୀରେ ଚାଷ କରିଥିଲେ। ପର୍ଯ୍ୟାୟକ୍ରମେ କୃଷି ବିଶେଷଜ୍ଞଙ୍କ ପରାମର୍ଶ ନେଇ ସେ ଜମିରେ ସାର ଔଷଧ ପ୍ରୟୋଗ କରିଥିଲେ।

ଧାନ ପରିବା ପରେ ତାଙ୍କ ଜମିରେ ଏକ ନମୁନା ଶସ୍ୟ କାଟ କାର୍ଯ୍ୟକ୍ରମ କରାଯାଇ ଥିଲା। ଏଥିରୁ ସୂଚିତ ହେଲା ଯେ ଚଳିତ ବର୍ଷ ତାଙ୍କ ଜମିରୁ ୧ ଗୁଣ୍ଠରୁ ୭୫ ରୁ ୮୦ କେଜି ଧାନ ଅମଳ ହୋଇଛି। ଧାନ ଅମଳ ସରିବା ପରେ ଆଇ.ଆର.ଡି.ଏମ.ଏସ୍‌ର କର୍ମୀମାନେ ତାଙ୍କ ସହିତ ସାକ୍ଷାତ କରି ତାଙ୍କର ମତାମତ ପଚାରି ଥିଲେ।

ଖୁସିର ସହିତ ସେ ଜଣାଇଥିଲେ ଯେ ସବୁ ବର୍ଷ ଠାରୁ ଚଳିତ ବର୍ଷ ଭଲ ଅମଳ ହୋଇଛି। ପୂର୍ବରୁ ଗୁଣ୍ଠ ପ୍ରତି ୩୦ ରୁ ୩୫ କେଜି ଧାନ ଅମଳ ହେଉଥିଲା। କିନ୍ତୁ ଚଳିତ ବର୍ଷ ସେହି ତୁଳନାରେ ଯଥେଷ୍ଟ ଭଲ ଅମଳ ହୋଇଅଛି। ପୂର୍ବରୁ ଚାଷରେ ସେ ଖର୍ଚ୍ଚ ଅନୁପାତରେ ଲାଭ ପାଉ ନଥିଲେ। କିନ୍ତୁ ଚଳିତ ବର୍ଷ ଅମଳରୁ ତାଙ୍କୁ ଆତ୍ମ ସନ୍ତୋଷ ମିଳିଛି। ତାଙ୍କ କହିବା ଅନୁଯାଇ ଯଦି ସମସ୍ତ ଚାଷୀ ଧାଡ଼ି ରୁଆ ଚାଷ କରିବେ ତେବେ ଅମଳ ନିଶ୍ଚିତ ଭାବରେ ଅଧିକ ହେବ। ଚାଷ ପ୍ରତି ଚାଷୀମାନଙ୍କର ଆଗ୍ରହ କମି ଯାଉଥିବା ସମୟରେ ଆଇ.ଆର.ଡି.ଏମ୍.ଏସ୍‌ର ସହଭାଗିତାକୁ ସେ ଅନେକ ପ୍ରଶଂସା କରିଛନ୍ତି।



# ଚାଷୀ ଜୟରାମଙ୍କ ସଫଳ କାହାଣୀ



ତାଳଦଣ୍ଡା ବୃହତ ଜଳସେଚନ ଉପ ପ୍ରକଳ୍ପ ଅନ୍ତର୍ଗତ ତାରପୁର ପାଣି ପଞ୍ଚାୟତ (ପି.ପି.-୨୨)ର ଅଗ୍ରଣୀ ଚାଷୀ ଜୟରାମ ନାୟକ। ତାରପୁର ପାଣି ପଞ୍ଚାୟତ (ପି.ପି.-୨୨)ର ସେ ପୂର୍ବତନ ସଭାପତି ଥିଲେ। ଏହି ପାଣି ପଞ୍ଚାୟତରେ ରହିଥିବା ୫ ଗୋଟି ଗାଁ ଭିତରୁ ଅଗ୍ରଣୀ ଗାଁ ହରିଶପୁରରେ ଚାଷୀ ଜୟରାମ ନାୟକଙ୍କର ଘର।

ତାଙ୍କର ଚାଷ ଜମି ହିସାବରେ ମାତ୍ର ୨ ଏକର ପୈତୃକ ସମ୍ପତ୍ତି ରହିଛି। ସେ ଜମିରେ ସେ ଖରିଫ୍ ଋତୁରେ ଧାନ ଓ ରବି ଋତୁରେ ମୁଗ, ବିରି ଓ ପନି ପରିବା ଚାଷ କରିଥାନ୍ତି। ଗତ ୨୦୧୫-୧୬ ବର୍ଷ ଖରିଫ ଋତୁରେ ଧାଡ଼ି ରୁଆ ଚାଷ କରି ତା. ୨୭.୦୧.୨୦୧୬ରିଖ ଦିନ ଜଗତସିଂହପୁର ଜିଲ୍ଲା ଠାରେ ଜଳ ସେଚନ ବିଭାଗ ତରଫରୁ ଆୟୋଜିତ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ସଫଳ ଚାଷୀ ହିସାବରେ ସମବାୟ ମନ୍ତ୍ରୀ ଡ. ଦାମୋଦର ରାଉତଙ୍କ ଠାରୁ ସମ୍ମାନିତ ହୋଇଛନ୍ତି। ସେହି ଚାଷରୁ ତାଙ୍କର ୩ ପ୍ରାଣୀ କୁଟୁମ୍ବ ଏବେ ଆରାମରେ ଚଳି ଯାଉଛନ୍ତି। ଖରିଫ ଓ ରବି ଯୋଜନାରେ ପ୍ରସ୍ତୁତ ଚାଷ ଖସଡ଼ାରେ ସେ ଧାନ, ମୁଗ, ବିରି ସହି ପନି ପରିବାରେ ଫୁଲ ଓ ବନ୍ଧା କୋବି, ଟମାଟୋ, ବାଇଗଣ ଇତ୍ୟାଦି ନିୟମିତ ଭାବରେ ଚାଷ କରୁଛନ୍ତି।



ପାଣି ପଞ୍ଚାୟତ କଥା କହିବାକୁ ଯାଇ ସେ କହିଛନ୍ତି ୨୦୦୭-୦୮ ମସିହାରେ ଜଳ ସଂପଦ ବିଭାଗ, ଓଡ଼ିଶା ସରକାର ଯେତେବେଳେ ପାଣି ପଞ୍ଚାୟତ ଗୁଡ଼ିକ ତାଳଦଣ୍ଡା କେନାଲ ସିଷ୍ଟମରେ ଗଠନ କଲେ, ସେତେବେଳେ ତାଙ୍କୁ ତାରପୁର ପାଣି ପଞ୍ଚାୟତର ସଭାପତି ହିସାବରେ ପାଣି ପଞ୍ଚାୟତର ସମସ୍ତ ସୋଠ ନେତାମାନେ ନିର୍ବାଚିତ କରିଥିଲେ। କଟକ ଓ ପାରାଦୀପ ଠିକ ମଝିରେ ରହିଥିବା ଏହି ତାରପୁର ପାଣି ପଞ୍ଚାୟତର ସଭାପତି ହେବେ ବୋଲି ସେ କେବେ ବିଶ୍ୱାସ କରି ନଥିଲେ। ଅନ୍ୟମାନଙ୍କୁ ସୁଯୋଗ ଦେବାରେ ବିଶ୍ୱାସ ରଖୁଥିବା ଶ୍ରୀ ନାୟକ ଗତ ୨୦୧୪ ମସିହାରେ ଅନୁଷ୍ଠିତ ପାଣି ପଞ୍ଚାୟତ ନିର୍ବାଚନରେ ନିଜକୁ ପୁଣି ଥରେ ସଭାପତି ଦୌଡ଼ରେ ସାମିଲ କରାଇ ନଥିଲେ। ଏଥିପାଇଁ ଅନେକ ଚାଷୀଙ୍କ ଅନୁରୋଧ ସେ ମଧ୍ୟ ଟାଳି ଦେଇଥିଲେ। କେବଳ ଚାଷ ଉପରେ ସମୟ ଦେବାକୁ ସେ ଚିନ୍ତା କରିଥିଲେ। ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ "ଓଡ଼ିଶା ସମନ୍ୱିତ ଜଳସେଚିତ କୃଷି ଓ ଜଳ ପରିଚାଳନା ପୁଞ୍ଜିଲଗାଣ କାର୍ଯ୍ୟକ୍ରମ" ରେ ପାଣି ପଞ୍ଚାୟତକୁ ସଶକ୍ତିକରଣ କରିବା ପାଇଁ ଥିବା ଆଇ.ଆର.ଡି.ଏମ୍.ଏସ୍. ନାମକ ବେସରକାରୀ ଅନୁଷ୍ଠାନ ସଂସ୍ପର୍ଶରେ ଆସିବା ପରେ ଚାଷକୁ ପ୍ରାଧାନ୍ୟ ଦେଉଛନ୍ତି।




ଆଇ.ଆର.ଡି.ଏମ୍.ଏସ୍ ସହାୟତାରେ ବିଗତ ୩ବର୍ଷ ହେଲା ସେ ବର୍ଷକୁ ବର୍ଷ ଚାଷରେ ଉନ୍ନତି କରୁଛନ୍ତି। ତାଙ୍କ ଜମିର ମାଟି ପରୀକ୍ଷା ଆଇ.ଆର.ଡି.ଏମ୍.ଏସ ମାଧ୍ୟମରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାରଙ୍କ ଅଧୀନରେ ଥିବା କଟକ ଜଗତପୁର ଠାରେ ଅବସ୍ଥିତ "ସରକାରୀ ମୃତ୍ତିକା ପରୀକ୍ଷାଗାର" ରେ କରା ଯାଇ ତାହାର ଫଳାଫଳ ସହ ଅନୁମୋଦିତ ଖାଦ୍ୟସାର ଯଥା ଜୈବିକ ଖତ (ଟନ/ଏକର), ଯବକ୍ଷାରଜାନ (ୟୁରିଆ) (କିଗ୍ରା/ଏକର) ଫସଫରସ୍ (ଏସ.ଏସ.ପି.କି.ଗ୍ରା/ଏକର), ପଟାସ (ମ୍ୟୁରେଟ ଅଫ୍ ପଟାସ) କି.ଗ୍ରା/ଏକର,ପାଣି ପଞ୍ଚାୟତ ବୈଠକ ମାଧ୍ୟମରେ କୃଷି ବିଶେଷଜ୍ଞ ମାନଙ୍କ ଠାରୁ ବୁଝିଛନ୍ତି। ଧାନ ବିହନ ପରୀକ୍ଷା ମଧ୍ୟ ଆଇ.ଆର.ଡି.ଏମ୍.ଏସ୍. ମାଧ୍ୟମରେ



ଭୁବନେଶ୍ୱର ସ୍ଥିତ ରାଜ୍ୟ ବିହନ ବିଶୋଧନ ପରୀକ୍ଷାଗାର ଠାରେ କରାଯାଇଛି ଏହା ଦ୍ୱାରା କ୍ଷେତରେ ସଠିକ ବିହନ ପ୍ରୟୋଗ କରି ଅମଳ ମଧ୍ୟ ଅଧିକ ପାଇଛନ୍ତି। ଆଇ.ଆର.ଡି.ଏମ୍.ଏସ୍ ଓ ବ୍ଲକ ସ୍ତରରେ ଥିବା ସହକାରୀ କୃଷି କାର୍ଯ୍ୟାଳୟ, ଓଡ଼ିଶା ସରକାରଙ୍କ ସହଯୋଗରେ ଧାଡ଼ି ରୁଆ ଚାଷ ବିଗତ ଦୁଇ ଖରିଫ ଋତୁରେ ସେ କରି ଆସୁଛନ୍ତି।

ଗତ ୨୦୧୪-୧୫ ଖରିଫ୍ ବର୍ଷରେ ୧୦୧୮ ଧାନ ବିହନରେ ଧାଡ଼ି ରୁଆ ଚାଷ କରି ହେକ୍ଟର ପିଛା ୬୦ କୁଇଣ୍ଟାଲ ଧାନ ପାଇଥିବା ବେଳେ ୨୦୧୫-୧୬ ଖରିଫ୍ ବର୍ଷରେ ସ୍ୱର୍ଣ୍ଣଧାନ ବିହନରେ ସେ ଧାଡ଼ିରୁଆ ଚାଷ କରି ହେକ୍ଟର ପିଛା ୭୨ କୁଇଣ୍ଟାଲ ଧାନ ଅମଳ କରିଛନ୍ତି। ଆଇ.ଆର.ଡି.ଏମ୍.ଏସ୍. ତରଫରୁ ଖରିଫ୍ ଯୋଜନା ମୁତାବକ ପ୍ରଶିକ୍ଷଣ ଦିଆଯାଇ ଅଣୁ ସାର ଓ ଜୀବାଣୁ ସାର ବଣ୍ଟନ ସହ ଏହାର ପ୍ରୟୋଗ ଉପରେ ଆଇ.ଆର.ଡି.ଏମ୍.ଏସ୍ ତରଫରୁ ଦିଆ ଯାଇଥିବା Cartap Hydrochloride ମାଧ୍ୟମରେ ତଳିକୁ ସବୁ ବିଶୋଧନ କରିଥିଲେ। ତଳି ରୋଇବାର ୧୫ ଦିନ ପରେ ସେ ଜମିର କାଦୁଅରେ Zinc Sulphate ବ୍ୟବହାର କରିଥିଲେ। ତାପରେ ସେ ତଳିକୁ ଧାଡ଼ିରେ ରୋଇଥିଲେ। ଅଣୁ ସାର ଓ ଜୀବାଣୁ ସାର ଆଇ.ଆର.ଡି.ଏମ୍.ଏସ୍ ଓ ପାଣି ପଞ୍ଚାୟତ ସହଯୋଗରେ ତାଙ୍କୁ ଦିଆଯାଇଥିଲା। ଏହାଫଳରେ ସେ ରୋଗ ଓ ପୋକ ଦାଉରୁ ନିଜ ଚାଷକୁ ସୁରକ୍ଷିତ କରିପାରିଥିଲେ।



କୃଷି ଉପରେ ପ୍ରଶିକ୍ଷଣ ନେବା ସହ ବିଗତ ୨ବର୍ଷ ହେଲା ଆଇ.ଆର.ଡି. ଏମ୍.ଏସ୍ ମାଧ୍ୟମରେ ସେ କଟକ ବିଦ୍ୟାଧରପୁର ଠାରେ ଅବସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, ଭୁବନେଶ୍ୱର, ସାମନ୍ତରାପୁର ଠାରେ ଥିବା ରାଜ୍ୟ ବିହନ ପରୀକ୍ଷାଗର ଓ ସିରିପୁର, ଭୁବନେଶ୍ୱର ଠାରେ ଥିବା ଓଡ଼ିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟରୁ ଚାଷ ଉପରେ ବିଭିନ୍ନ ଅଭିଜ୍ଞତା ଗ୍ରହଣ କରିଛନ୍ତି।

ରବି ଚାଷରେ ମଧ୍ୟ ଯୋଜନା ଅନୁଯାଇ ପାଣି ପଞ୍ଚାୟତ ଦ୍ୱାରା ସହଯୋଗ ମିଳୁଛି। ଏଥିପାଇଁ ସେ ଅମଳ ଅଧିକା ପାଇବା ପାଇଁ ଆଶା ରଖିଛନ୍ତି। ଧିରେ ଧିରେ ନୂତନ ପ୍ରଣାଳୀରେ ଚାଷ କରିବାପାଇଁ ସେ ଚେଷ୍ଟା କରୁଛନ୍ତି। ଜଳ ସମ୍ପଦ, ବିଭାଗ ଓଡ଼ିଶା ସରକାର ଓ ଆଇ.ଆର.ଡି.ଏମ୍.ଏସ୍‌ର ସହଯୋଗ କାମନା କରିଛନ୍ତି।

# ଚାଷୀ ପରେନ୍ଦ୍ର ବିଶ୍ୱାଳଙ୍କ ଚାଷ ସମ୍ପର୍କିତ କାହାଣୀ



କଟକ ସହର ଠାରୁ ମାତ୍ର ୧୫ କି.ମି. ଦୂରରେ ଅଛି ଗାଁ ଟିଏ, ନାଁ ତାର ହୁଲିପୁର। ସେଇ ଗାଁରେ ରହନ୍ତି ଚାଷୀ ପରେନ୍ଦ୍ର ବିଶ୍ୱାଳ। ମାତ୍ର ୧.୮ ଡେସିମିଲ୍ ଜମିରୁ ଚାଷ କାମ ଆରମ୍ଭ କରି ଏବେ ସେ ୧୨ ଏକର ଜମିର ମାଲିକ ହୋଇ ପାରିଛନ୍ତି। ଏଥର ଖରିଫ-୨୦୧୫-୧୬ରେ ପାଖାପାଖି ୧.୫ ଲକ୍ଷ ଟଙ୍କା ଖର୍ଚ୍ଚକରି ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ରୋଜଗାର କରି ପାରିଛନ୍ତି। ଏଥର ସେ ସବୁ ଜମିରେ ଧାଡ଼ି ରୁଆ ଚାଷ କରିଛନ୍ତି ଓ ରାସାୟନିକ ସାର ଖୁବ୍ କମ ବ୍ୟବହାର କରିଛନ୍ତି। ସେଥିପାଇଁ ସେ ପୂର୍ବ ବର୍ଷ ତୁଳନାରେ କମ ଖର୍ଚ୍ଚ କରି ଅଧିକ ଲାଭବାନ ହୋଇଛନ୍ତି। ଆଗାମୀ ବର୍ଷ ଗୁଡ଼ିକରେ ଯଦି ଜଳ ସମ୍ପଦ ବିଭାଗ ଓ କୃଷି ବିଭାଗର ସହଯୋଗ ରହିବ ତାହା ହେଲେ ସେ ନୂତନ ଧାନ ବିହନ କିସମରେ ଚାଷ କରିବାକୁ ମନସ୍ଥ କରିଛନ୍ତି। ସେଥିପାଇଁ ଆଇ.ଆର୍.ଡି.ଏମ୍.ଏସ୍. ର ସେବା ସହାୟକ ଦଳର ସହଯୋଗ ସେ କାମନା କରିଛନ୍ତି।

ଖରିଫ ଓ ରବି ଯୋଜନାରେ ସେ ପାଣି ପଞ୍ଚାୟତ ମାଧ୍ୟମରେ ସହଯୋଗ ପାଇଛନ୍ତି। ମାଟି ପରୀକ୍ଷା ସହ, ବିହନ ବିଶୋଧନ, ମାଟି ପରୀକ୍ଷା ଅନୁଯାଇ ଆବଶ୍ୟକ ହେଉଥିବା ବିହନ କିସମ ଓ ସାର ଉପରେ ସେ ପ୍ରଶିକ୍ଷଣ, ଆଇ.ଆର.ଡି.ଏମ୍.ଏସ୍ ଦ୍ୱାରା ପାଇଛନ୍ତି। ତାଙ୍କ ନିଜ କଥା କହିବାକୁ ଯାଇ ସେ କହିଛନ୍ତି, ବ୍ୟକ୍ତିଗତ ଭାବରେ ସେ ଧାନ ଗବେଷଣା କେନ୍ଦ୍ର ଓ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟକୁ ପରିଭ୍ରମଣ ରେ ଯାଇ ଚାଷ ବିଷୟରେ ନୂତନ ଦିଗ ପାଇଛନ୍ତି। ଆଇ.ଆର.ଡି.ଏମ.ଏସ୍.ର ସମୟ ଉପଯୋଗୀ ଚାଷ ବିଷୟରେ ସହଯୋଗ ଓ ପ୍ରଶିକ୍ଷଣ ଲାଭଦାୟକ ହୋଇ ପାରୁଛି। ସେଥିପାଇଁ ସେ ପୂର୍ବ ବର୍ଷ ତୁଳନାରେ ଅଧିକ ଅମଳ ପାଇଛନ୍ତି।



ଚାଷରେ ନିଜକୁ ସମର୍ପି ଦେଇଥିବା ଏବଂ ସର୍ବଦା ହସ ହସ ବଦନରେ ରହୁଥିବା ଚାଷୀ ପରେନ୍ଦ୍ର କହନ୍ତି ଏହି ଚାଷରୁ ସେ ଭଲ ଘରଟିଏ କରି ପାରିଛନ୍ତି। ଘରର ଯାବତୀୟ ଆସବାବ ପତ୍ର ତିଆରି କରି ପାରିଛନ୍ତି। ପିଲାମାନଙ୍କୁ ଭଲ ଶିକ୍ଷା ଦୀକ୍ଷା ଯୋଗାଇ ଦେଇ ପାରିଛନ୍ତି। ଘର ପାଇଁ ଗାଡ଼ି. ଚାଷ ପାଇଁ ଟ୍ରାକ୍ଟର ଓ କୃଷି ଯନ୍ତ୍ରପାତି କରି ପାରିଛନ୍ତି। ହୁଏତ ସେ ଚାକିରୀ କରିଥିଲେ ଏତିକି ଜିନିଷ କରି ପାରିନଥାନ୍ତେ ବୋଲି କହନ୍ତି। ଚାଷ କାମରେ ନୂଆ ନୂଆ ପରୀକ୍ଷା ମାନ ହେଉଛି ଓ ଏହା ଆଗକୁ ଚାଷୀ ଭାଇ ମାନଙ୍କୁ ଅଧିକ ସହଯୋଗ କରିବ ବୋଲି ତାଙ୍କର ଧାରଣା। ନିଜ ଅନୁଭୂତିକୁ ଆଗକୁ ବଢ଼ାଇବାକୁ ଯାଇ କହିଛନ୍ତି ସମୟ ଥିଲା ଚାଷୀ ଭାଇମାନେ ଚାଷ କାମ ପାଇଁ ବର୍ଷାକୁ ଅପେକ୍ଷା କରି ରହୁଥିଲେ। ସରକାରଙ୍କ ବିଭାଗ କଣ ଓ ତାର କାର୍ଯ୍ୟ ପରିସର କଣ ଲୋକମାନେ ଜାଣୁ ନଥିଲେ। ଧୀରେ ଧୀରେ ଜଳ ସମ୍ପଦ ବିଭାଗ, କୃଷି ବିଭାଗ, ଯୋଗାଣ ବିଭାଗ ଇତ୍ୟାଦି ଅନେକ ସରକାରୀ ବିଭାଗ ଚାଷ କାମରେ ଚାଷୀମାନଙ୍କୁ ସାହାଯ୍ୟ କରୁଛନ୍ତି। ୭-୮ ବର୍ଷେ ତଳେ ବିଭାଗୀୟ ଅଧିକାରୀ ମାନଙ୍କୁ ଭେଟି ହେଉ ନଥିଲା କି ଅସୁବିଧା ଜଣାଇ ହେଉ ନଥିଲା କିନ୍ତୁ ଏବେ ବିଭାଗୀୟ ଅଧିକାରୀ ମାନେ ଆଗତ ବୈଠକରେ ଭାଗ ନେଇ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରୁଛନ୍ତି।

ଆଇ.ଆର.ଡି.ଏମ୍.ଏସ ନାମକ ଏକ ବେସରକାରୀ ଅନୁଷ୍ଠାନକୁ "ଓଡ଼ିଶା ସମନ୍ୱିତ ଜଳସେଚିତ କୃଷି ଓ ଜଳ ପରିଚାଳନା ପୁଞ୍ଜିଲଗାଣ କାର୍ଯ୍ୟକ୍ରମ" ରେ ପାଣି ପଞ୍ଚାୟତକୁ ସୁଦୃଢ଼ କରିବା ପାଇଁ ଦାଇତ୍ୱ ଦିଆ ଯିବା ପରେ ଚାଷୀଙ୍କ ଉନ୍ନତି ଘଟିଛି। ଆଇ.ଆର.ଡି.ଏମ୍.ଏସ୍ ଦ୍ୱାରା ତାଙ୍କ ଜମିର ମାଟି ପରୀକ୍ଷା, ପାରମ୍ପରିକ ପଦ୍ଧତିରେ ବିହନ ଗଜା ପରୀକ୍ଷା, ଧାଡ଼ି ରୁଆରେ ଚାଷ, ଜୈବିକ ପଦ୍ଧତି ଚାଷ, ଧାନ ଚାଷରେ ରୋଗ ପୋକ ସମସ୍ୟା ସମାଧାନ ପାଇଁ ବିଭିନ୍ନ ସମୟରେ ପ୍ରଶିକ୍ଷଣ, ସମୟଅନୁଯାଇ ଧାନର ଯତ୍ନ ନେବା ସହିତ ଅଣୁ ଓ ଜୀବାଣୁ ସାର ସେ ପାଇଛନ୍ତି। ଶସ୍ୟ କାଟ କରାଇ ଅମଳର ଚିତ୍ର, ଆଇ.ଆର.ଡି.ଏମ୍.ଏସ୍. ବିଶେଷଜ୍ଞ ଦଳ କରିଛନ୍ତି। ବିଗତ ୨ବର୍ଷର ଅମଳରୁ ସ୍ୱଷ୍ଟ ଚିତ୍ର ଆସିଛି। ଯେଉଁଠି ହେକ୍ଟର ପିଛା ୫୦-୬୦ କୁଇଣ୍ଟାଲ ଧାନ ଅମଳ ହେଉଥିଲା ସେଠାରୁ ସେ ଏତେ ୭୦-୮୦ କୁଇଣ୍ଟାଲ ଧାନ ପୂର୍ବ ଅପେକ୍ଷା କମ ଖର୍ଚ୍ଚରେ ପାଇ ପାରିଛନ୍ତି। ଧାନ ସହିତ ଚାଷରେ ବିବିଧତା ଆଣିବା



ପରିପ୍ରେକ୍ଷୀରେ ଆଇ.ଆର.ଡି.ଏମ୍.ଏସ୍. ଦ୍ୱାରା କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, ବିଦ୍ୟାଧରପୁର, କଟକ ଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଶିରିପୁର, ଭୁବନେଶ୍ୱରକୁ ଯାଇ କିଛି କିଛି ଶିକ୍ଷା ଲାଭ କରି ଆସିଛନ୍ତି। ଧାନ ସହ, ମୁଗ, ଆଖୁ, ପନି ପରିବା ଚାଷ, ବାଡ଼ିରେ ଶାଗ ଅମୃତଭଣ୍ଡା ଇତ୍ୟାଦି ଚାଷ କରୁଛନ୍ତି। ଆଗକୁ ନୂତନ ଜ୍ଞାନ କୌଶଳ ପ୍ରୟୋଗ କରି ଚାଷରେ ଉନ୍ନତି କରିବା ତାଙ୍କ ଲକ୍ଷ୍ୟ। ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାର ଏହି "ଓଡ଼ିଶା ସମନ୍ୱିତ ଜଳସେଚିତ କୃଷି ଓ ଜଳ ପରିଚାଳନା ପୁଞ୍ଜିଲଗାଣ କାର୍ଯ୍ୟକ୍ରମ" ଚାଲୁ କରିବା ଦ୍ୱାରା ଧାଡ଼ି ରୁଆ ଚାଷ ସହ ଧାନ ଅମଳ ଭଲ ହୋଇଛି। ଏଥିପାଇଁ ସେ ବିଭାଗୀୟ ସରକାରୀ ଯନ୍ତ୍ରୀ, ନୃସିଂହନାଥ ପାଣି ପଞ୍ଚାୟତ (ପି.ପି.-୦୯) ର ସଭାପତି ରମେଶ ବିଶୋୟୀ, ସମ୍ପାଦକ ବିଭୁତି ଭୂଷଣ ସାମନ୍ତରାୟ ଓ ଆଇ. ଆର.ଡି.ପି.ଏସ୍. କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଛନ୍ତି।



# ଭିନ୍ନକ୍ଷମରୁ ସି.ଆ.ଜି.ର ସମ୍ପାଦକ - ରଶ୍ମିରଞ୍ଜନ ସାହୁ



ତାଳଦଣ୍ଡା ବୃହତ ଉପ ପ୍ରକଳ୍ପ ଅଧୀନରେ ଥିବା ୭୩ ଗୋଟି ପାଣି ପଞ୍ଚାୟତ ମଧ୍ୟରୁ ବୋଧପୁର ପାଣି ପଞ୍ଚାୟତ (ପି.ପି. ନଂ-୨୫)ର ବାସିନ୍ଦା ରଶ୍ମି ରଞ୍ଜନ ସାହୁ। ବୋଧପୁର ଗାଁରେ ତାଙ୍କର ମାତ୍ର ୯ଗୁଣ୍ଠ ଜମି ରହିଛି। ନିଜେ ଜଣେ ଭିନ୍ନ କ୍ଷମ ହୋଇଥିବାରୁ ଏହି ଚାଷ ଜମିକୁ ଭାଗ ଚାଷୀଙ୍କ ସହାୟତାରେ ଚାଷ କରୁଛନ୍ତି। ପ୍ରାୟ ୬୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ଥିବା ଶ୍ରୀ ସାହୁ ପିଲା ଦିନଟି ବହୁ ଘାତ ପ୍ରତିଘାତରେ କଟିଛି। କିନ୍ତୁ ସେ ମାନସିକ ସ୍ତରରେ ସୁଦୃଢ଼ ଥିବାରୁ ସବୁ ଘାତ ପ୍ରତିଘାତକୁ ସାମନା କରି ଆଗକୁ ବଢ଼ିଛନ୍ତି।

ତାଙ୍କ ସହ ଆଲୋଚନା ସମୟରେ ସେ ନିଜର ପିଲା ଦିନରୁ ଆଜି ପର୍ଯ୍ୟନ୍ତ ଘଟଣା କ୍ରମ ଗୁଡ଼ିକ କହିବାକୁ ଯାଇ କହିଛନ୍ତି ସ୍ୱର୍ଗତ ପିତା ମଦନ ମୋହନ ସାହୁ ଓ ମା' ଗଣ୍ଡେଇ ସାହୁଙ୍କର ସମୁଦାୟ ୬ ଭାଇ ଭଉଣୀ ମଧ୍ୟରୁ ସେ ୩ ଭାଇଙ୍କ ମଧ୍ୟରେ ସେ ବଡ଼। ସେ ୧୯୮୬ ମସିହାରେ ଯେତେ ବେଳେ (+୨) ବିଜ୍ଞାନ ପଢୁଥିଲେ, ସେହି ସମୟରେ ତାଙ୍କ ବାପା ଓ ପରେ ପରେ ମା' ମଧ୍ୟ ଚାଲିଗଲେ। ସେ ସମୟରେ ତାଙ୍କର ଭଲ ପାଠ ହେଉଥିଲା ଓ ସେ ପାଠ ପଢ଼ାକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲେ। କିନ୍ତୁ ଯେତେବେଳେ ତାଙ୍କର ବାପା ସେମାନଙ୍କୁ ଛାଡ଼ି ଆର ପାରିକି ଚାଲି ଗଲେ, ବଡ଼ ପୁଅ ହିସାବରେ ଘର ଚଳାଇବା ଦାଇତ୍ୱ ତାଙ୍କ ଉପରେ ପଡ଼ିଲା। ସେହି ସମୟରେ ନିଜର ୨ ସାନ ଭାଇ ଓ ୩ ଭଉଣୀ ଭିତରୁ ୨ ଜଣଙ୍କ ବିବାହ ଦାଇତ୍ୱ ତାଙ୍କ ମୁଣ୍ଡ ଉପରେ ରହିଥିଲା। ଜମି ବାଡ଼ି କମ୍ ଥିବାରୁ ସେ ଗାଁ ପିଲାମାନଙ୍କୁ ଟିଉସନ୍ କରିବା ଆରମ୍ଭ କଲେ। ପାଠ ପଢ଼ା ତାଙ୍କର ବ୍ୟାଘାତ ହେଲା। ତଥାପି ସେ ପତ୍ର ବିନିମୟ ପାଠ୍ୟକ୍ରମ ମାଧ୍ୟମରେ ପରେ ଗ୍ରାଜୁଏଟ୍ ଟିଏ ହୋଇ ପାରିଥିଲେ।

କଟକ ଠାରୁ ପାରାଦୀପ ଆଡ଼କୁ ଗଲା ବେଳକୁ, କଟକ ଠାରୁ ମାତ୍ର ୨୫ କି.ମି. ଦୂରରେ ତାଙ୍କ ଗାଁ ବୋଧପୁର। ରାସ୍ତା ଘାଟ ଓ ଗମନାଗମନର ସୁବିଧା ଥିବାରୁ, ବୋଧପୁର ଏକ ବିକଶିତ ଗାଁର ମାନ୍ୟତା ପାଇଛି। ଏହି ଗାଁ ନାରେ ମଧ୍ୟ ବୋଧପୁର ପାଣି ପଞ୍ଚାୟତ (ପା.ପନଂ-୨୫) ନାମରେ ୨୦୦୭-୦୮ ମସିହାରୁ ଜଳ ସଂପଦ ବିଭାଗ, ଓଡ଼ିଶା ତରଫରୁ ଗଠନ କରାଯାଇଛି। ପାଣି ପଞ୍ଚାୟତ ଗଠନ ପରେ ଶ୍ରୀ ସାହୁ ପାଣି ପଞ୍ଚାୟତର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରୁଛନ୍ତି। ପାଣି ପଞ୍ଚାୟତର ଅଣୁ ଯୋଜନା (Micro Plan) ପ୍ରସ୍ତୁତ ସମୟରେ ତାଙ୍କର ଆଇ.ଆର.ଡି.ଏମ୍.ଏସ୍ ର ସେବା ସହାୟକ ଦଳ ଓ ଗୋଷ୍ଠୀ ସଂଗଠକ ସହ ଯୋଗ ହୋଇଥିଲା।

୨୦୦୯ ମସିହାରେ Blood Cancer ଦ୍ୱାରା ଭିନ୍ନକ୍ଷମ ହୋଇଯାଇଥିଲେ ଓ ଅଣୁ ଯୋଜନାରେ କିପରି ସେ ଲାଭବାନ ହେବେ ସେଥିପାଇଁ ସେ ସି.ଆଇ.ଜି. ବିଷୟରେ ଜାଣିଥିଲେ। ଭିନ୍ନକ୍ଷମ ମାନଙ୍କୁ ନେଇ ଗଠନ କରାଯାଇଥିବା ଶ୍ରୀ ଲୋକନାଥଜୀଉ ଭିନ୍ନକ୍ଷମ ସଂଗଠନର ସଭାପତି ଦାଇତ୍ୱ ମଧ୍ୟ ସେ ନେଇଥିଲେ। ଲୋକସମ୍ପର୍କ ବଳରେ ସେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସେ ଟ.୫୦,୦୦୦/- (ପଚାଶ ହଜାର ଟଙ୍କା ମାତ୍ର) ପାଇଥିଲେ। ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠି ପାଇଁ ଟ.୧,୦୦,୦୦୦/- (ଏକ ଲକ୍ଷ ଟଙ୍କା ମାତ୍ର) ସାହାଯ୍ୟ ସହଯୋଗ ପାଇଁ ଆବେଦନ କରିଥିଲେ କିନ୍ତୁ ତାଙ୍କ ଅବହେଳା ପାଇଁ ଏହା ମିଳି ପାରି ନଥିଲା।

ସେଥିପାଇଁ ସେ ଦୁଃଖିତ ହୋଇ ନଥିଲେ। ଟିଉସନ ସହ ୨୦୦୦ ମସିହାରୁ LIC ଏଜେଣ୍ଟ ଭାବେ କାମ ଆରମ୍ଭ କରିଥିବାରୁ ତାଙ୍କର ଚଳିବା ପାଇଁ କିଛି ଅସୁବିଧା ହେଉନଥିଲା। ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାର, ପାଣି ପଞ୍ଚାୟତକୁ ସୁଦୃଢ଼ୀକରଣ ପାଇଁ ଯେତେବେଳେ "ଓଡ଼ିଶା ସମନ୍ୱିତ ଜଳସେଚିତ କୃଷି ଓ ଜଳ ପରିଚାଳନା ପୁଞ୍ଜିଲଗାଣ କାର୍ଯ୍ୟକ୍ରମ (OIIAWMIP) "ଏହି ପାଣି ପଞ୍ଚାୟତରେ ଆଇ.ଆର.ଡି.ଏମ୍.ଏସ୍ ମାଧ୍ୟମରେ ଚାଲୁ କରାଇଲେ ସେତେବେଳେ ପାଣି ପଂଚାୟତ ଅଣୁଯୋଜନା ପ୍ରସ୍ତୁତ ସମୟରେ ସି.ଆଇ.ଜି. (Common Interest Group) ଗଠନ ପାଇଁ ହିତାଧିକାରୀ ମାନଙ୍କ ଚୟନ ବେଳେ ତାଙ୍କ ନାମ ରଖା ଯାଇଥିଲା। ଭୂମିହିନ, ବିଧବା, ସ୍ୱାମୀ ପରିତ୍ୟକ୍ତା ଓ ଭିନ୍ନକ୍ଷମ ଲୋକମାନଙ୍କୁ ସେହି ସମୟରେ ଚିହ୍ନଟ କରି ପାଣି ପଞ୍ଚାୟତ ସାଧାରଣ ପରିଷଦ ବୈଠକରେ ପାଣି ପଞ୍ଚାୟତର ଅଣୁ ଯୋଜନାକୁ ମଞ୍ଜୁର କରାଇବା ପାଇଁ ବିଭାଗୀୟ ଅଧିକାରିଙ୍କୁ ପଠା ଯାଇଥିଲା।

୨୦୧୫ ମସିହାରେ ସେହି ଅଣୁ ଯୋଜନାରେ ସ୍ଥାନିତ ୧୮ ଜଣ ହିତାଧିକାରୀ ମାନଙ୍କୁ ନେଇ ୦୮/୧୦/୨୦୧୫ ତାରିଖରେ ଶ୍ରୀରାମ



ସି.ଆଇ.ଜି. ସୋସାଇଟି ରେଜିଷ୍ଟ୍ରେସନ ଆକ୍ଟ-୧୮୬୦ରେ ପଞ୍ଜିକରଣ କରାଗଲା ଓ ଏହାର ସମ୍ପାଦକ ହିସାବରେ ଶ୍ରୀ ସାହୁଙ୍କୁ ହିତାଧିକାରୀମାନେ ସର୍ବ ସମ୍ମତି କ୍ରମେ ମନୋନୀତ କରିଥିଲେ।

ଜଳସମ୍ପଦ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ନିୟୋଜିତ ଜେ.ଏଫ.ପି.ଆର (J.F.P.R) ଦଳ, ପାଣି ପଞ୍ଚାୟତ ସଭାପତି ଓ ଆଇ.ଆର.ଡି.ଏମ୍.ଏସ୍ ଗୋଷ୍ଠୀ ସଂଗଠକଙ୍କ ମିଳିତ ସହଯୋଗରେ ଶ୍ରୀରାମ ସି.ଆଇ.ଜି.ର ଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ୧୮ ଜଣିଆ ହିତାଧିକାରୀମାନଙ୍କୁ ବୈଠକ ମାଧ୍ୟମରେ ବୁଝାଇ ଥିଲେ।

ପରବର୍ତ୍ତୀ ସମୟରେ ପାଣି ପଞ୍ଚାୟତର ଖରିଫ ଓ ରବି ଯୋଜନା ୨୦୧୫-୧୬ରେ ପାଣି ପଞ୍ଚାୟତ ବୋଧପୁର ଓ ଆଇ.ଆର.ଡି.ଏମ୍.ଏସ୍ ମିଳିତ ଭାବରେ ଯୋଜନା ମୁତାବକ ସି.ଆଇ.ଜି.ର ସଭ୍ୟ ଓ ସମ୍ପାଦକ ହିସାବରେ ଛତୁ ଚାଷ କରିବା ପାଇଁ ତାଙ୍କ ନା ବଛା ଯାଇଥିଲା। ଉଭୟ ଖରିଫ ଓ ରବି ଋତୁ ଯଥାକ୍ରମେ ପାଳ ଓ ଧିଙ୍ଗିରି ଛତୁ ଚାଷ ପାଇଁ ସେ ସହଯୋଗ ପାଣି ପଞ୍ଚାୟତରୁ ପାଇଛନ୍ତି। ଛତୁ ବେଡ୍ ପିଛା ସେ ୧ରୁ ୧.୫କେଜିର ପାଳ ଓ ଧିଙ୍ଗିରି ଛତୁ ପାଇଁ କେ.ଜି. ୧୪୦ ଟଙ୍କା ଦରରେ ବିକିଛନ୍ତି। ବର୍ତ୍ତମାନ ଛତୁକୁ ମୁଖ୍ୟ ଚାଷ ହିସାବରେ ସେ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏଥିପାଇଁ ଆବଶ୍ୟକ ଛତୁ ମଞ୍ଜିର ଯୋଗାଡ଼ କରାଇ ଦେବା ସହ ମଞ୍ଜି ମିଳିବା ଜାଗା ସହ ଯୋଗାଯୋଗ ସ୍ଥାପନ କରାଇ ଦେବା ପାଇଁ ଆଇ.ଆର.ଡି.ଏମ୍.ଏସ୍ ର ସହାୟତା ଲୋଡ଼ିଛନ୍ତି।

**ରଶ୍ମିରଞ୍ଜନ ସାହୁ**
ବୋଧପୁର, ବୋଧପୁର ପାଣି ପଞ୍ଚାୟତ (ପି.ପି.-୨୫)



# ଜାନକେଶ୍ୱରୀ ପାଣିପଞ୍ଚାୟତର ସଭାପତିଙ୍କ ଚାଷ କାହାଣୀ



କଟକ ଜିଲ୍ଲା ଅନ୍ତର୍ଗତ କଟକ ସଦର ବ୍ଲକର ଜନାଙ୍ଗ ଗୋଟିଏ ଛୋଟିଆ ଗାଁ, ଏହି ଗାଁଟି ଜାନକେଶ୍ୱରୀ ପାଣି ପଞ୍ଚାୟତ (ପି.ପି.ନଂ-୦୭) ରେ ଥିବା ୯ ଗୋଟି ଗାଁ ଭିତରୁ ଗୋଟିଏ। ଶ୍ରୀ ସମରେନ୍ଦ୍ର ପ୍ରସାଦ ରାୟ ଏହି ପାଣି ପଞ୍ଚାୟତର ସଭାପତି ଭାବରେ ୩୦.୦୪.୨୦୦୭ ମସିହାରୁ ରହି ଆସିଛନ୍ତି। ପାଣି ପଞ୍ଚାୟତରେ କେନାଲ ପାଣି କୁ ସୁବିନିଯୋଗ କରି ଚାଷୀ ମାନେ ଲାଭ ପାଆନ୍ତୁ ଏହା ତାଙ୍କର ପ୍ରଥମ ଲକ୍ଷ୍ୟ। ବର୍ତ୍ତମାନ ସେ ଧାଡ଼ି ରୁଆ ଚାଷୀ ହିସାବରେ ପରିଚିତ। କୃଷି ବିଭାଗ ଓ ଆଇ.ଆର.ଡି.ଏମ୍.ଏସ୍‌ର ସହଯୋଗରେ ସେ ଧାଡ଼ି ରୁଆ ଚାଷ କରିବା ପାଇଁ ଆଗେଇ ଆସିଛନ୍ତି। ଜଣେ ଯୁବ ଚାଷୀ ହିସାବରେ ସେ ଚାଷକୁ ପାଣି ପଞ୍ଚାୟତରେ ସର୍ବ ପ୍ରଥମେ ପ୍ରାଧାନ୍ୟ ଦେଉଛନ୍ତି। ପୂର୍ବରୁ ପୁରୁଣା ଢ଼ଙ୍ଗରେ ଚାଷ କରି ସେ ମାତ୍ର ହେକ୍ଟର ପିଛା ୬୦ରୁ ୬୫ କୁଇଣ୍ଟାଲ ଧାନ ଅମଳ କରୁଥିଲେ। ଏବେ ସେ ଦୁଇ ହେକଟର ଜମିରୁ ପ୍ରାୟ ୧୬୦ କୁଇଣ୍ଟାଲ ଧାନ ଅମଳ କରି ପାରିଛନ୍ତି। ସେଥିପାଇଁ ସେ ଆଇ.ଆର.ଡି.ଏମ୍.ଏସ୍.ର କୃଷି ବିଶେଷଜ୍ଞ ଓ ଗୋଷ୍ଠୀ ସଂଗଠକଙ୍କୁ ଶ୍ରେୟ ଦେଇଛନ୍ତି। ତାଙ୍କରି ତତ୍ତ୍ୱାବଧାନରେ ପାଣି ପଞ୍ଚାୟତରେ ୧୦୦ ଚାଷୀ ସିଧା ସଳଖ ଭାବରେ ଧାଡ଼ି ରୁଆ ଚାଷ କରି ଧାନ ଅମଳ ଅଧିକ କରି ପାରିଛନ୍ତି।

ଓଡ଼ିଶା ସରକାରଙ୍କର ସମନ୍ୱିତ ଜଳ ସେଚିତ କୃଷି ଓ ଜଳ ପରିଚାଳନା ପୁଞ୍ଜିଲଗାଣ କାର୍ଯ୍ୟକ୍ରମ ଦ୍ୱାରା ଆଇ.ଆର୍.ଡି.ଏମ୍.ଏସ୍‌ର ସହଯୋଗରେ ତାଙ୍କ ପାଣି ପଞ୍ଚାୟତରେ ଯେଉଁ ଖରିଫ ଓ ରବି ଯୋଜନା ପ୍ରସ୍ତୁତ ହେଉଛି ସେଥିରେ ପାଣି ପଞ୍ଚାୟତର ଚାଷୀ ମାନଙ୍କୁ ସୁଫଳ ମିଳୁଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଥମେ ଏହି ସଂସ୍ଥାର କର୍ମକର୍ତ୍ତାମାନେ ପାଣି ପଞ୍ଚାୟତରେ ଥିବା ସମସ୍ତ ଗାଁ ଗୁଡ଼ିକ ବୁଲି, ଚାଷିମାନଙ୍କୁ ନେଇ ବୈଠକ କରାଇଲେ। ସେମାନେ ସେହି ବୈଠକରେ ଧାଡ଼ି ରୁଆ ବିଷୟରେ ଆଲୋଚନା କରିଥିଲେ। ଚାଷୀ କିପରି ମାଟି ପରୀକ୍ଷା ଓ ବିହନ ବିଶୋଧନ କରି ନିଜର ଲାଭ ଉଠାଇ ପାରିବ, ନିଜର ଆର୍ଥିକ ଉନ୍ନତି କରିପାରିବ, ସେ ବିଷୟରେ ଆଲୋଚନା କରିଥିଲେ। ସେହି ସବୁ ବୈଠକରେ ପାଣି ପଞ୍ଚାୟତ ସଭାପତି ହିସାବରେ ସେ ଯୋଗଦେଇଥାନ୍ତି। ସେହି ବୈଠକ ଗୁଡ଼ିକରେ କୃଷି ବିଶେଷଜ୍ଞମାନେ ଚାଷ ଉପରେ ନୂଆ ନୂଆ ତଥ୍ୟ ଦେଇଥାନ୍ତି ଯାହା ଚାଷ ପାଇଁ ବହୁ ଉପଯୋଗୀ।





ସେ ଚାଷୀ ହିସାବରେ ତାଙ୍କ ମାଟି ପରୀକ୍ଷା ଓ ବିହନ ପରୀକ୍ଷା କରିବା ପାଇଁ ଦେଇଥିଲେ। ମାଟି ଓ ବିହନର ପରୀକ୍ଷା ଫଳାଫଳ ଆସିବାପରେ ତାଙ୍କ ଜମିରେ ଥିବା ଖାଦ୍ୟସାରର ଅଭାବ ସଂପର୍କରେ ସେ ସେହି ରିପୋର୍ଟରୁ ଜାଣି ପାରିଲେ ଏବଂ ତା ପରେ ଆଇ.ଆର.ଡି.ଏମ୍.ଏସ୍‌ର କର୍ମକର୍ତ୍ତା ସହ ପରାମର୍ଶ ନେଇ ତଳି ପକାଇଥିଲେ। ତଳିକୁ ରୋଗ ପୋକ କବଳରୁ ରକ୍ଷା କରିବାପାଇଁ ଆଇ.ଆର.ଡି.ଏମ୍.ଏସ୍. ଦେଇଥିବା Cartap Hydrochloride ମାଧ୍ୟମରେ ତଳି ସବୁ ବିଶୋଧନ କରିଥିଲେ। ତଳି ହେବାର ୧୫ ଦିନ ମଧ୍ୟରେ ଜମିକୁ ଚାଷ କରିବାବେଳେ ଆଇ.ଆର.ଡି.ଏମ୍.ଏସ୍‌ର ମାଧ୍ୟମରେ ଯୋଗାଇ ଦିଆ ଯାଇଥିବା Zinc Sulphate କାଦୁଅରେ ବ୍ୟବହାର କରିଥିଲେ। ତାହାପରେ



ତଳିକୁ ଧାଡ଼ିରେ ରୋଇଥିଲେ। ମଝିରେ ମଝିରେ ଆଇ.ଆର.ଡି.ଏମ୍.ଏସ୍‌ର କୃଷି ବିଶେଷଜ୍ଞ ଓ ଗୋଷ୍ଠୀ ସଂଗଠକ ମାନେ ସିଧାସଳଖ ଭାବରେ ଚାଷ ଜମି ଗୁଡ଼ିକ ବୁଲି ଯାଆନ୍ତି। କିଛି ଅସୁବିଧା ଥିଲେ ପରାମର୍ଶ ଦେଇ ଯାଆନ୍ତି। ଆଗରୁ ଅଣୁସାର ଓ ଜୈବସାର ବ୍ୟବହାର ସମ୍ପର୍କରେ ଆଦୌ ସେ ଜାଣି ନଥିଲେ।

ଏହି ସଂସ୍ଥା ମାଧ୍ୟମରେ ମିଳୁଥିବା ଜୀବାଣୁ ସାରକୁ ବ୍ୟବହାର କରିବା ଦ୍ୱାରା ରୋଗ ପୋକ ଦାଉରୁ ରକ୍ଷା ହେବା ସଂଗେ ସଂଗେ ଭଲ ଅମଳ ମଧ୍ୟ ହୋଇଅଛି। ତାଙ୍କ ପାଣି ପଞ୍ଚାୟତରୁ ମଡେଲ ପାଣି ପଞ୍ଚାୟତ ହିସାବରେ ୧୦୦ ଜଣ ଚାଷିଙ୍କର ମାଟି ପରୀକ୍ଷା କରିବା ପାଇଁ ସ୍ଥିର କରାଯାଇଥିଲା ଏବଂ ତାଙ୍କ ଜମିରୁ ମଧ୍ୟ ଏକ ମାଟି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଦିଆଯାଇଥିଲା। ମାଟି ପରୀକ୍ଷା ଅନୁଯାଇ ଏହାର ଫଳାଫଳ ଓ ଅନୁମୋଦିତ ସାର ପ୍ରୟୋଗ ଉପରେ ଆଇ.ଆର.ଡି.ଏମ୍.ଏସ୍.ର କୃଷି ବିଶେଷଜ୍ଞମାନେ ସୁଚାଇଥିଲେ। ତାପରେ ତାଙ୍କ ଜମି ପାଇଁ ବିହନ ବ୍ୟବହାର ପୂର୍ବରୁ ୧୨୦ କେଜି ଧାନ ଗଜାକରି ତଳି ପ୍ରସ୍ତୁତ କରିଥିଲେ ଏବଂ ତା ପରେ ଜମିରେ ଧାଡ଼ିରୁଆ ପ୍ରଣାଳୀରେ ମେସିନ ସାହାଯ୍ୟରେ ରୋଇଥିଲେ। ଧାନକୁ ରୋଇବା ପୂର୍ବରୁ ଜମିକୁ ଭଲଭାବରେ ଚାଷକରି ଶେଷ ଓଡ଼ ଚାଷରେ ମୂଳସାର ହିସାବରେ ଏକର ପ୍ରତି DAP ୩୫ କି.ଗ୍ରା. ଓ ପଟାସ୍ ୨୫ କି.ଗ୍ରା. ଓ ୟୁରିଆ ୭ କି.ଗ୍ରା. ଜମିରେ ପ୍ରୟୋଗ କରିଥିଲେ। ଏହାକୁ ଏକର ପ୍ରତି ୟୁରିଆ ୧୫ କି.ଗ୍ରା. ଓ ପଟାସ୍ ସାର ୧୦ କି.ଗ୍ରା. ହିସାବରେ ପ୍ରୟୋଗ କରିଥିଲେ। ଧାନ ଥୋଡ଼ ହେବା ପୂର୍ବରୁ ସେ ଦେଖିଲେ ଯେ ଜମିରେ ପୋକ ଲାଗିଅଛି, ସେଥିପାଇଁ ୧ ଲିଟର ପାଣିରେ ୨ ମିଲି ମାତ୍ରାରେ ଏକରକୁ ୪୦୦ ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ସ୍ପ୍ରେ କରିଥିଲେ। ଆଇ.ଆର.ଡି. ଏମ୍.ଏସ୍. ଆବଶ୍ୟକ ଜୈବସାର, ଅଣୁସାର ଓ କୀଟନାଶକ ଔଷଧ ଯୋଗାଇବା ସଂଗେ ସଂଗେ ତାହାର ପ୍ରୟୋଗ ଉପରେ ପାଣି ପଞ୍ଚାୟତ ବୈଠକରେ ବୁଝାଇଦେଉଥିଲେ। ତାଙ୍କର ୧ ଏକର ଜମିରେ ପରୀକ୍ଷାମୂଳକ ଭାବେ ଚାଷକରିବାପାଇଁ PSB-2 kg, Zinc Sulphate-4 kg & Azospirilium-2kg ମିଳିଥିଲା। ଉକ୍ତ ସାରକୁ ସେ ଗ୍ରହଣ କରି ସଠିକ ପରିମାଣରେ ସେ ଜମିରେ ପ୍ରୟୋଗ କରିଥିଲେ। ପ୍ରଥମେ ସେ ଏହି ସୁବିଧା ପାଣି ପଞ୍ଚାୟତ ସଭାପତି ହୋଇଥିବାରୁ ତାହା ଗ୍ରହଣ କରିବାକୁ ଅମଙ୍ଗ ହେଉଥିଲେ କିନ୍ତୁ ସେ ପାଣି ପଞ୍ଚାୟତର ଚାଷୀ ପ୍ରଥମେ ତା ପରେ ସଭାପତି ପରେ ଏହି ଧାରଣା ଦେଲାପରେ ସେ ଏହା ଗ୍ରହଣ କରିଥିଲେ। ପାଣି ପଞ୍ଚାୟତର ସଭାପତି ନିଜେ ଉଦାହରଣ ସୃଷ୍ଟି ନ କଲେ ତାହା ଅନ୍ୟ ଚାଷୀମାନଙ୍କ ପାଇଁ ପ୍ରେରଣା ଯୋଗାଇ ପାରିବ ନାହିଁ। ଏହା ସହିତ ଚାଷିମାନଙ୍କର ଚାଷ ଉପରେ ଅଧିକ ଜ୍ଞାନ ଆହରଣ ପାଇଁ, ପାଣି ପଞ୍ଚାୟତର ୨୦ ଜଣ ଚାଷୀ ମାନଙ୍କ ଭିତରୁ ସେ ମଧ୍ୟ ପରିଭ୍ରମଣ କାର୍ଯ୍ୟକ୍ରମରେ CRRI Bidyadharpur Cuttack, SSTL, Samantarapur, Bhubaneswar & OUAT,Siripur Bhubaneswar କୁ ବୁଲି ଯାଇଥିଲେ। ଏହି ଅବସରରେ ବିଦ୍ୟାଧରପୁର ଧାନ ଗବେଷଣା କେନ୍ଦ୍ର ପରିଦର୍ଶନ କରି ସେଠାରେ ଧାନ ଚାଷ ସଂପର୍କରେ ଅଭିଜ୍ଞ କୃଷି ବୈଜ୍ଞାନିକମାନଙ୍କଠାରୁ ଜ୍ଞାନ ଆହାରଣ କରିଥିଲେ। ଭୁବନେଶ୍ୱର ବିହନ ପରୀକ୍ଷଣ କେନ୍ଦ୍ର ପରିଦର୍ଶନ କରିସେ ବିହନ ବିଶୋଧନ ପଦ୍ଧତି ସମ୍ପର୍କରେ ଜାଣିବା ସହିତ ବିହନରେ ଥିବା ବିଭିନ୍ନ ପ୍ରକାର ରୋଗ ପୋକ ତଥା ସେଗୁଡ଼ିକର ପ୍ରତିକାର ସମ୍ପର୍କରେ ଜାଣିବା ପାଇଁ ସକ୍ଷମ ହୋଇଥିଲେ। ଏହାପରେ କୃଷି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଠାରେ ଅବସ୍ଥିତ, କୃଷିକ୍ଷେତ୍ର ଗୁଡ଼ିକୁ ପରିଦର୍ଶନ କରି, ସମନ୍ୱିତ ଚାଷ ଉପରେ ଧାରଣା ପାଇଥିଲେ। ଏକ ସ୍ଥାନରେ କିପରି ବିଭିନ୍ନ ପ୍ରକାର କୃଷି ଭିତ୍ତିକ କାର୍ଯ୍ୟ ଯଥା ଧାନ ଚାଷ, ଫଳ ଚାଷ, ମାଛ ଚାଷ, କୁକୁଡ଼ା ଚାଷ, ବତକ ଚାଷ, ଛତୁ ଚାଷ ଏବଂ ଗୋ ପାଳନ ଚାଷ କରାଯାଏ ସେ ବିଷୟରେ ସେ ଜାଣିପାରିଥିଲେ।



ଆଇ.ଆର.ଡି.ଏମ୍.ଏସ୍ ଦ୍ୱାରା ପାଣି ପଞ୍ଚାୟତରେ ବହୁମୁଖୀ କାର୍ଯ୍ୟକ୍ରମ ଗୁଡ଼ିକ କରାଯାଉଛି। ବିଶେଷ କରି କୃଷି ଉପରେ ବହୁ ନୂଆ ନୂଆ କଥା ଜାଣି ହେଉଛି। ଚାଷୀ ଓ ପାଣି ପଞ୍ଚାୟତ ସଭାପତି ଭାବରେ ଦୁଇ ଦୁଇ ଗୋଟି କାମ ଆଇ.ଆର.ଡି.ଏମ୍.ଏସ୍‌ର ସହାୟତାରେ କରି ହେଉଛି। ସେଥିପାଇଁ ସେ ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାର ଓ ଆଇ.ଆର.ଡି.ଏମ୍.ଏସ୍‌ର ସମସ୍ତ କର୍ମକର୍ତ୍ତା ମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ବେଲେଶ୍ୱରୀ ବିଶ୍ୱ ସ୍ୱୟଂ ସହାୟକ ଦଳର ସଫଳ ଛତୁଚାଷ କାହାଣୀ



ବେଲେଶ୍ୱରୀ ବିଶ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ, ୨୦୧୫ ମସିହାରେ ଧରାଧରପୁର ପାଣି ପଞ୍ଚାୟତ (ପି.ପି.ନଂ-୧୯)ରେ ଥିବା ରାଧାନଗର ଗ୍ରାମର ୨୦ ଜଣ ସମଭାବାପନ୍ନ ମହିଳାଙ୍କୁ ନେଇ ଗଠନ କରାଯାଇଥିଲା। ଓଡ଼ିଶାର ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ରଘୁନାଥପୁର ବ୍ଲକ ତଥା କିଶୋର ନଗର ଜଳ ସେଚନ ସବ ଡିଭିଜନ ଅଧୀନରେ ଥିବା ରଘୁନାଥପୁର ଜଳ ସେଚନ ବିଭାଗ ଦ୍ୱାରା ପରିଚାଳିତ ଏହି ଧରାଧରପୁର ପାଣି ପଞ୍ଚାୟତ (ପି.ପି.ନଂ.-୧୯)ର ଏହି ସ୍ୱୟଂ ସହାୟକ ଦଳ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଙ୍ଗନବାଡ଼ି ଦ୍ୱାରା ଗଠନ କରାଯାଇଥିଲା।

ଏହି ଦଳଟି ଛତୁ ଚାଷ କରିବା ପୂର୍ବରୁ ନିଜ ଭିତରେ କେବଳ ପଇସା ଦେଣ ନେଣ ଛଡ଼ା ଆଉ କିଛି କାମ କରୁ ନଥିଲେ। ଓଡ଼ିଶା ସରକାରଙ୍କ ଜଳ ସଂପଦ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଓ ଆଇ.ଆର.ଡି.ଏମ୍.ଏସ୍. ଦ୍ୱାରା ପରିଚାଳିତ "ଓଡ଼ିଶା ସମନ୍ୱିତ ଜଳସେଚିତ କୃଷି ଓ ଜଳ ପରିଚାଳନା ପୁଞ୍ଜିଲଗାଣ କାର୍ଯ୍ୟକ୍ରମ" ରେ ପାଣି ପଞ୍ଚାୟତରେ ହୋଇଥିବା ଖରିଫ୍ ଓ ରବି (୨୦୧୫-୧୬) ଯୋଜନାରେ ଛତୁ ଚାଷ କରିବା ପାଇଁ ଏହି ସ୍ୱୟଂ ସହାୟକ ଦଳକୁ ପାଣି ପଞ୍ଚାୟତ ମାଧ୍ୟମରେ ଚୟନ କରାଯାଇଥିଲା। ଏହି ଯୋଜନା ଅନୁଯାଇ ପାଣି ପଞ୍ଚାୟତର କର୍ମକର୍ତ୍ତା, ଜଳ ସେଚନ ବିଭାଗର କର୍ମଚାରୀମାନଙ୍କ ଉପସ୍ଥିତରେ ଆଇ.ଆର.ଡି.ଏମ୍.ଏସ୍‌ର କର୍ମକର୍ତ୍ତାମାନେ ପାଳ ଛତୁ ଚାଷ ଉପରେ ଏହି ସ୍ୱୟଂ ସହାୟକ ଦଳ ସମସ୍ତ ୨୦ ଜଣ ସଦସ୍ୟାଙ୍କୁ ସାମୁହିକ ଭାବରେ ୧୦ଟି ବେଡ୍ ପ୍ରସ୍ତୁତି ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ଏହି ପାଣି ପଞ୍ଚାୟତର ଖରିଫ ଯୋଜନା ମୁତାବକ ଆବଶ୍ୟକ ହେଉଥିବା ପାଳଛତୁ ମଂଜି ଓ ପଲିଥିନ ସ୍ୱୟଂ ସହାୟକ ଦଳକୁ ଯୋଗାଇ ଦିଆଯିବା ସହ, ଛତୁ ଚାଷ ପାଇଁ ଜାଗା ଚିହ୍ନଟ ସହ ଛତୁ ଚାଷ ଉପରେ ପ୍ରଶିକ୍ଷଣ ଆଇ.ଆର.ଡି.ଏମ୍.ଏସ୍‌ର କର୍ମକର୍ତ୍ତା ଦେଇଥିଲେ। ସ୍ୱୟଂ ସହାୟକ ଦଳର ସଭ୍ୟାମାନେ ଛତୁ ଚାଷ ପାଇଁ ଆବଶ୍ୟକ ନଡ଼ା ଓ ଚୋକଡ଼ ଯୋଗାଡ଼ କରିଥିଲେ। ସେହିପରି ରବି ଯୋଜନାରେ ଧିଙ୍ଗିଡ଼ି ଛତୁ ମଂଜି ସହ ପଲିଥିନ ଯୋଗାଇ ଦିଆଯିବା ସହ, ଜାଗା ଚିହ୍ନଟ ଓ ଛତୁ ଚାଷର ପ୍ରଶିକ୍ଷଣ ମଧ୍ୟ ଆଇ.ଆର.ଡି.ଏମ୍.ଏସ୍. ର କର୍ମକର୍ତ୍ତା ମାନେ ପ୍ରଦାନ କରିଥିଲେ। ଯାହା ଫଳରେ ଗତ ଖରିଫ (୨୦୧୫-୧୬)ରେ ଏହି ସ୍ୱୟଂ ସହାୟକ ଦଳ ପାଳ ଛତୁରୁ ପ୍ରତି ବେଡରୁ ହାରାହାରି ୧.୨୫ ରୁ ୧.୫ କି.ଗ୍ରା. ପର୍ଯ୍ୟନ୍ତ ଛତୁ ଅମଳ କରି ପାଖାପାଖି ୧୦୦ ରୁ ୧୫୦ ଟଙ୍କା ପାଇ ପାରିଛନ୍ତି।

ପ୍ରଥମେ ପ୍ରଥମେ ଦଳର ଅଧିକାଂଶ ସଦସ୍ୟା ଏହି ଛତୁ ଚାଷ ଉପରେ ଗୁରୁତ୍ୱ ଦେଉ ନଥିଲେ। ପାଣି ପଞ୍ଚାୟତ କର୍ମକର୍ତ୍ତା ଆଇ.ଆର.ଡି.ଏମ୍.ଏସ୍. ର କୃଷି ବିଶେଷଜ୍ଞ, ଗୋଷ୍ଠୀ ସଂଗଠକ ଓ ସର୍ବପରି ଜଳ ସଂପଦ ବିଭାଗର ସହକାରୀ ଯନ୍ତ୍ରୀଙ୍କ ସହାୟତାରେ ଛତୁ ଚାଷ ଏକ ଲାଭଦାୟକ ଚାଷ ସ୍ୱୟଂ ସହାୟକ ଦଳକୁ ବୁଝାଇ ଦିଆ ଯାଇଥିଲା। ଜଗତସିଂହପୁର ଜିଲ୍ଲାରେ ଛତୁ ଚାଷର ଆବଶ୍ୟକତା ରହିଛି। ଛତୁ ଚାଷରେ କମ୍ ଖର୍ଚ୍ଚରେ ଅଧିକ ଲାଭ ମିଳିଥାଏ ବୋଲି ବୁଝାଇ ଦିଆ ଯାଇଥିଲା। ସର୍ବପରି ଓଡ଼ିଶା ଓ ଓଡ଼ିଶା ବାହାରର ଲୋକ ମାନକ ପାଖରେ ଛତୁର ଚାହିଦା ରହିଥିବାରୁ ଓଡ଼ିଶାର ଅଧିକାଂଶ ଜାଗାରେ ଛତୁ ଚାଷ ଉପରେ ପ୍ରାଧାନ୍ୟ ରହିଛି। ଛତୁରେ ବହୁପରିମାଣରେ ପୁଷ୍ଟିସାର ରହିଥିବାରୁ ଏହା ମଣିଷ ପାଇଁ ଉପାଦେୟ ହୋଇଥାଏ। ସେହିପରି ଏହାର କିଗ୍ରା ପ୍ରତି ମୂଲ୍ୟ ମଧ୍ୟ ଅଧିକ ରହୁଥିବାରୁ ବ୍ୟବସାୟ ପାଇଁ ଉପଯୁକ୍ତ ରହିଥାଏ। ବଜାରରେ ବିଭିନ୍ନ ଛତୁର ସମୟ ଉପଯୋଗି ଚାହିଦା ରହିଥିବାରୁ ଛତୁ ସଂଗେ ସଂଗେ ବିକ୍ରି ହୋଇଯାଏ। ଘରେ ହେଉ କିମ୍ବା ହୋଟେଲରେ ଛତୁ ତରକାରୀର ଆବଶ୍ୟକତା ଅନ୍ୟ ନିରାମିଷ ତରକାରୀ ଅପେକ୍ଷା ଅଧିକ ରହିଥାଏ ବୋଲି ପ୍ରଶିକ୍ଷଣରେ ବୁଝାଇ ଦିଆଯିବା ଫଳରେ ସେମାନେ ଛତୁ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ପ୍ରସ୍ତାବିତ ରବି ଯୋଜନା ୨୦୧୫-୧୬ରେ ମଧ୍ୟ ଏହି ସ୍ୱୟଂ ସହାୟକ ଦଳର ସଦସ୍ୟାମାନେ ଧିଙ୍ଗିରି ଛତୁ ଚାଷ କରି ଲାଭବାନ ହୋଇଛନ୍ତି। ଖରିଫ ଓ ରବିରେ ଯଥାକ୍ରମେ ମାତ୍ର ୨୦ ରୁ ୩୦ ଟଙ୍କା ଖର୍ଚ୍ଚ କରି ପାଖାପାଖି ବେଡ଼ ପିଛା ୧୦୦ଟଙ୍କାରୁ ୧୫୦ ଟଙ୍କା ପର୍ଯ୍ୟନ୍ତ ସେମାନେ ପାଇ ପାରିଛନ୍ତି। ବେଲେଶ୍ୱରୀ ବିଶ୍ୱ ସ୍ୱୟଂ ସହାୟକ ଦଳର ସମସ୍ତ ସଦସ୍ୟାଙ୍କ ମତ ହେଲା, ଧରାଧରପୁର ପାଣି ପଞ୍ଚାୟତ (ପି.ପି.ନଂ-୧୯) ୨୦୦୭-୦୮ ମସିହାରୁ ଗଠନ କରାଗଲାଣି, କିନ୍ତୁ ପାଣି ପଞ୍ଚାୟତ ଅଂଶବିଶେଷ ହୋଇ ମଧ୍ୟ ସେମାନେ କେବେ ଛତୁ ଚାଷ କରିବାପାଇଁ ସାହସ ଯୋଗାଡ଼ କରି ପାରୁନଥିଲେ। ଏହି "ଓଡ଼ିଶା ସମନ୍ୱିତ ଜଳସେଚିତ କୃଷି ଓ ଜଳ ପରିଚାଳନା ପୁଞ୍ଜିଲଗାଣ କାର୍ଯ୍ୟକ୍ରମ" ମାଧ୍ୟମରେ ଆଇ.ଆର.ଡି.ଏମ୍.ଏସ୍.ର କର୍ମକର୍ତ୍ତାଙ୍କ ଯୋଗୁଁ ସେମାନେ ଛତୁ ଚାଷ କରିବାର ସାହସ ଜୁଟାଇ ପାରିଛନ୍ତି।

ଖାଇବା ପାଇଁ ହେଉ କିମ୍ବା ଦୁଇ ପଇସା ରୋଜଗାର ପାଇଁ ହେଉ ଏଣିକି ଏହି ଦଳର ସମସ୍ତ ସଦସ୍ୟା ଆଇ.ଆର.ଡି.ଏମ୍.ଏସ୍. ଦ୍ୱାରା ଦିଆଯାଇଥିବା ଛତୁ ଚାଷ ପ୍ରଶିକ୍ଷଣ ମାଧ୍ୟମରେ ଏବେ ସେମାନେ ନିୟମିତ ଭାବରେ ଛତୁ ଚାଷ କରି ପାରିବେ। ସେଥିପାଇଁ ଏହି ସ୍ୱୟଂ ସହାୟକ ଦଳ ତରଫରୁ ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାର ଓ ଏହାର ବିଭାଗୀୟ କର୍ମଚାରୀ, ଆଇ.ଆର.ଡି.ଏମ୍.ଏସ୍ ଓ ଧରାଧରପୁର ପାଣି ପଞ୍ଚାୟତକୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଗାମୀ ଦିନରେ ଏହି ବେଲେଶ୍ୱରୀ ବିଶ୍ୱ ସ୍ୱୟଂ ସହାୟକ ଦଳ ସଦସ୍ୟା ଛତୁ ଚାଷ ସହିତ ଅନ୍ୟାନ୍ୟ ଅର୍ଥ ପ୍ରଦାନକାରୀ କାମ ଗୁଡ଼ିକ ଯଥା - ଧୂପକାଠି, ଫିନାଇଲ, ବଡ଼ି ପାପଡ଼ ଓ ଅନ୍ୟାନ୍ୟ ଚାହିଦା ମୁତାବକ କାମ ହାତକୁ ନେଇ ଦୁଇ ପଇସା ରୋଜଗାର କରି ପାରିବାରକୁ ସହଯୋଗ କରିବାକୁ ବାହାରିଛନ୍ତି। ଏଥିପାଇଁ ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାର ଓ ଏହାର ବିଭାଗୀୟ କର୍ମଚାରୀ ତଥା ଅଭିଜ୍ଞ ଆଇ.ଆର.ଡି.ଏମ୍.ଏସ୍.ର କର୍ମକର୍ତ୍ତାଙ୍କ ପୁନଃ ସହଯୋଗ କାମନା କରିଛନ୍ତି।




















**ଆଇ.ଆର୍.ଡି.ଏମ୍.ଏସ୍**

ପ୍ଲଟ ନଂ ୪୭୩, କଳିଙ୍ଗ ମାର୍କେଟ, ନୟାପଲ୍ଲୀ
ଭୁବନେଶ୍ୱର -୧୨
ଟେଲିଫ୍ୟାକ୍ସ: ୦୬୭୪-୨୫୪୬୪୧୩


